୬ ଭାରତୀୟ ବ୍ୟାଟରଙ୍କ ଧମାକା ପରେ ବୋଲରଙ୍କ କମାଲ : ବ୍ୟାକ୍‌ଫୁଟ୍‌ରେ ଆଫଗାନିସ୍ତାନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୨୮ ● ୮ ଜୁନ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-128 ● 8th June 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

### ଖୋର୍ଦ୍ଧା ମାଟିରୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# ୧୨ ହଜାର କୋଟି ଟଙ୍କାରେ ରାଜ୍ୟବ୍ୟାପୀ ନିର୍ମାଣ ହେବ ୨୨୦୦ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର, ୭ା୬

ନ୍ୟୁଜ୍ ବ୍ୟୁରୋ

ପଞ୍ଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ଗୁଡ଼ିକ ମଧ୍ୟ ସେହିପରି ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ମାସରେ ବାଣପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ରବିବାର ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି।



ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ମୂଳଦୁଆ ଯେତିକି ସୁଦୃଢ଼ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ। ତେଣୁ ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ବାତାବରଣ ସୁଦୃଢ଼ ଏବଂ ସଂଗଠିତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ।

ସେ ପୁଣି କହିଥିଲେ ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରି (ପୃଷ୍ଠା ୭ରେ)

### ପୁରୀରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ଉଷା ପାଢ଼ୀ

# ନାଗରିକ ସୁବିଧା କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୭ା୬

ନ୍ୟୁଜ୍ ବ୍ୟୁରୋ

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସିବା ସହିତ ରାଜ୍ୟ ସରକାର ପୁରୀରେ ଲକ୍ଷାଧିକ ଭକ୍ତଙ୍କ ପାଇଁ ସୁଚାରୁ, ସୁରକ୍ଷିତ ଏବଂ ପରିଷ୍କାର ଅନୁଭବ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତିକୁ ଆହୁରି ତ୍ୱରାନ୍ୱିତ କରିଛି।

ଆବାସ ଓ ନଗର ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ (ଏସିଏସ) ଉଷା ପାଢ଼ୀ ଶନିବାର ପୁରୀ ସର୍କିଟ ହାଉସ୍‌ରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଆସନ୍ତା ଏହି ଭବ୍ୟ ଆୟୋଜନ ପୂର୍ବରୁ ସହରରେ ଆବଶ୍ୟକ ନାଗରିକ ଅବସ୍ଥାପନା ଏବଂ ସାର୍ବଜନୀନ ସେବା ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପ୍ରତି ବିଶେଷ ଜୋର ଦିଆଯାଇଥିଲା।

ସମୀକ୍ଷା ସମୟରେ ଶ୍ରୀମତୀ ପାଢ଼ୀ ଅଧିକାରୀମାନଙ୍କୁ ନଗର ଅଞ୍ଚଳର ସମସ୍ତ ସଡ଼କ ମରାମତି କାମ ସମୟମଧ୍ୟରେ ସମାପ୍ତ କରିବା, ନାଳଗୁଡ଼ିକର ବ୍ୟାପକ ପରିଷ୍କାର ଓ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଏବଂ ପରିଷ୍କାରତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଏବଂ ଅସ୍ଥାୟୀ ପାର୍କିଂ ସୁବିଧା ବିକଶିତ କରିବାକୁ ମଧ୍ୟ ଜୋର ଦେଇଥିଲେ।



ନିରବଚ୍ଛିନ୍ନ ପେୟଜଳ ଯୋଗାଣର ଗୁରୁତ୍ୱକୁ ଉଲ୍ଲେଖ କରି ସେ ଅଧିକାରୀମାନଙ୍କୁ ଭକ୍ତମାନଙ୍କର ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ୨୪ ଘଣ୍ଟିଆ ସାର୍ବଜନୀନ ଶୌଚାଳୟ ସୁବିଧା ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମଧ୍ୟପ୍ରାଚ୍ୟ ଯୁଦ୍ଧର ୧୦୦ ଦିନ: ଜାତିସଂଘ ବିଫଳ, ବୈଶ୍ୱିକ ସଙ୍କଟ ବଢୁଛି

ଦୁବାଇ/ତେହେରାନ, ୭ା୬

ଇରାନ ବିରୁଦ୍ଧରେ ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଭୟଙ୍କର ଯୁଦ୍ଧ ୧୦୦ ଦିନରେ ପହଞ୍ଚିଛି। ଦିନକୁ ଦିନ ଏହି ସଂଘର୍ଷ ସମଗ୍ର ଅଞ୍ଚଳକୁ ନିଜ କବଳକୁ ନେବାରେ ଲାଗିଥିବା ବେଳେ ବୈଶ୍ୱିକ ସଙ୍କଟ ବଢ଼ିଚାଲିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ସମଗ୍ର ବିଶ୍ୱର ଭୂ-ରାଜନୀତି, ଶକ୍ତି ସୁରକ୍ଷା ଏବଂ ଅନ୍ତର୍ଜାତୀୟ ସମୀକରଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। ସାମୟିକ ଅସ୍ତ୍ରବିରତି ପାଇଁ ଚେଷ୍ଟା ଜାରି ରହିଥିଲେ ମଧ୍ୟ ଇସ୍ରାଏଲ ପକ୍ଷରୁ ଲେବାନନ ଉପରେ ତୁହାକୁ ତୁହା ଆକ୍ରମଣ ଏହି ଶାନ୍ତି ପ୍ରକ୍ରିୟାକୁ ଧୂଳିସାତ କରିଦେଇଛି। ସଂଘର୍ଷ ଯୋଗୁଁ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଇ ସାରିଲେଣି। ଏହି ଯୁଦ୍ଧରେ ମୋଟ ମୃତ୍ୟୁ ସଂଖ୍ୟା ୯,୬୦୦ରୁ ଅଧିକ ବୋଲି କେତେକ ସଂସ୍ଥା ଆକଳନ କରିଛନ୍ତି। ଇରାନରେ ପ୍ରାୟ ୪ ହଜାର ଏବଂ ଲେବାନନରେ ୩୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧରେ ୧୦ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଇରାନର ପ୍ରତିଆକ୍ରମଣରେ ୧୩ ଜଣ ଆମେରିକୀୟ ସୈନିକ ଏବଂ ଇସ୍ରାଏଲର ୨୬ ଜଣ ଲୋକ ପ୍ରାଣ ହରାଇଛନ୍ତି।



ଏହି ଯୁଦ୍ଧ ସାରା ବିଶ୍ୱକୁ ଦୁଇ ଭାଗରେ ବିଭକ୍ତ କରିଦେଇଛି। ଗୋଟିଏ ପଟେ ରୁଷ୍ ଇରାନକୁ ସମ୍ପୂର୍ଣ୍ଣ ସାମରିକ ଓ ରଣନୈତିକ ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଚୀନ୍ ଜାତିସଂଘରେ ଇରାନ ବିରୋଧୀ ସମସ୍ତ ପ୍ରସ୍ତାବକୁ ଭିଟୋ ପ୍ରୟୋଗ କରି ନାକଚ କରିଦେଉଛି। ଅନ୍ୟପଟେ ୟୁଏଇ ଭଳି ଗଲ୍ଫ ଦେଶଗୁଡ଼ିକ ଆମେରିକା ଓ ଇସ୍ରାଏଲ ସହ ମିଶି ଇରାନ ଉପରେ ବିମାନ ଆକ୍ରମଣ କରୁଛନ୍ତି। ସେହିପରି ସାଉଦି ଆରବ ଏବଂ ଇରାକ ନିଜର ଆଞ୍ଚଳିକ ସୁରକ୍ଷାକୁ ନେଇ ଦୋଳାୟମାନ ସ୍ଥିତିରେ (ପୃଷ୍ଠା ୭ରେ)

## ପୁଣି ବଢିଲା ଏଲ୍‌ପିଜି ଦର

ନୂଆଦିଲ୍ଲୀ, ୭ା୬

ଘରୋଇ ଏଲପିଜି ସିଲିଣ୍ଡର ଦର ପୁଣି ୨୯ ଟଙ୍କା ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମୂଲ୍ୟ ୧୪.୨ କିଲୋଗ୍ରାମ ଘରୋଇ ସିଲିଣ୍ଡର ଉପରେ ଶନିବାର ମଧ୍ୟରାତ୍ରରୁ ଦେଶବ୍ୟାପୀ ତତ୍କାଳ ଲାଗୁ କରାଯାଇଛି। ଗତ ୩ ମାସ ମଧ୍ୟରେ ଏହା ଘରୋଇ ଏଲପିଜି ଉପରେ ସର୍ବାଧିକ ଦ୍ୱିତୀୟ ଥର (ପୃଷ୍ଠା ୭ରେ)

# ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍ ସେନା ମୁଖ୍ୟଙ୍କ ସମେତ ୧୨ ମୃତ

ଲେବାନନ, ୭ା୬

ଆମେରିକା ଦ୍ୱାରା ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ୱାଶିଂଟନରେ ଘୋଷିତ ସର୍ତ୍ତମୂଳକ ସାମରିକ ଯୁଦ୍ଧବିରତି (ଅସ୍ତ୍ରବିରତି, ଯୁଦ୍ଧବିରତି) ଏକ ଛଳନା ବୋଲି ପ୍ରମାଣିତ ହୋଇଥିଲା। ଇସ୍ରାଏଲର ସଦ୍ୟତମ ଆକ୍ରମଣରେ ୧୨ ଜଣ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଲେବାନନର ସାମରିକ ମୁଖ୍ୟ ମଧ୍ୟ ଅଛନ୍ତି। ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ସାମରିକ ମୁଖ୍ୟ, ଜଣେ କ୍ୟାପଟେନ୍ ଏବଂ ଜଣେ ସୈନିକ ନିହତ ହୋଇଛନ୍ତି। ଖର୍ଦାଲି-ନବାତିହ ରାସ୍ତାରେ ଯାତ୍ରା କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେନା ମୁଖ୍ୟ ପାକିସ୍ତାନରେ ପହଞ୍ଚିବାର ଥିଲା। ପାକିସ୍ତାନରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା। ଲେବାନନର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଦେଶର ସାମରିକ ମୁଖ୍ୟ (ସଶସ୍ତ୍ର ବାହିନୀର କମାଣ୍ଡର-ଇନ୍-ଚିଫ୍) ବ୍ରିଗେଡିୟର୍ ଜେନେରାଲ୍ ରୁଡଲ୍ଫ ହାକେଲଙ୍କୁ ଟାର୍ଗେଟ କରିବା ଦେଶର (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- ବାଲେଶ୍ୱର ଦୁର୍ଘଟଣାରେ ଜଣେ ବ୍ୟକ୍ତି ଓ ତାଙ୍କ ଝିଅ ମୃତ।
- ଦିଲ୍ଲୀର ଶିଳ୍ପାଞ୍ଚଳରେ ଭୟଙ୍କର ଅଗ୍ନିକାଣ୍ଡ।
- ପଞ୍ଜାବରେ ଟ୍ରକ୍ ଓ ଜିପ୍ ଧକ୍କାରେ ୯ଜଣଙ୍କ ମୃତ୍ୟୁ।
- ଗୁଜରାଟର ସୁରଟରେ ଇ.ଟି.ପି. ପ୍ଲାଣ୍ଟର ଟ୍ୟାଙ୍କରେ ପଡ଼ି ୪ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ।
- ଅଭିନେତା ସଲିମ କୁମାରଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ ବ୍ୟକ୍ତ।
- ମଣିପୁରରେ ଦୁଇ ଉଗ୍ରବାଦୀ, ଦୁଇ ମଦ ତସ୍କର ଗିରଫ, ଅସ୍ତ୍ରଶସ୍ତ୍ର ଜବତ।
- ଶିମଲା: ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୭୩ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୦୦(+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୫୫ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୭୫ (+୦)

## ଭାରତୀୟ ଇକ୍ୱିଟି ବଜାରରୁ ମୁହଁ ଫେରାଉଛନ୍ତି ବିଦେଶୀ ନିବେଶକ

ନୂଆଦିଲ୍ଲୀ, ୭ା୬

ଭାରତୀୟ ଇକ୍ୱିଟି ବଜାରରୁ ବିଦେଶୀ ନିବେଶକମାନେ ମୁହଁ ଫେରାଇବା ଜାରି ରଖିଛନ୍ତି। ଜୁନ ପ୍ରଥମ ସପ୍ତାହରେ ସେମାନେ ପ୍ରାୟ ୪୩ ହଜାର କୋଟି ଟଙ୍କା ଭାରତୀୟ ବଜାରରୁ ଉଠାଇ ନେଇଛନ୍ତି। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ସହ ଦକ୍ଷିଣ କୋରିଆ ଓ ତାଇୱାନ ଭଳି ଦେଶର ଏଆଇ ପ୍ରଯୁକ୍ତି ସହ ଜଡ଼ିତ କମ୍ପାନୀରେ ଥିବା ନିବେଶ ସୁଯୋଗ ପାଇଁ ଏଭଳି ହୋଇଥିବା କୁହାଯାଉଛି। ୨୦୨୬ ମସିହାରେ ବିଦେଶୀ ନିବେଶକମାନେ ଭାରତୀୟ ଇକ୍ୱିଟି ବଜାରରୁ ୨.୬୭ ଲକ୍ଷ କୋଟି ଟଙ୍କା ଉଠାଇ ନେଲେଣି।

୨୦୨୫ ମସିହାରେ ସେମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବାବେଳେ ୨୦୨୬ (ପୃଷ୍ଠା ୭ରେ)

# ଭୁବନେଶ୍ୱର-କଟକରେ ପୁଣି କାଳବୈଶାଖୀ ତାଣ୍ଡବ : ଭାଙ୍ଗିଲା ଚଣ୍ଡୀମନ୍ଦିର ଦଧିନଉତି

ଭୁବନେଶ୍ୱର, ୭ା୬

ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ରବିବାର ସନ୍ଧ୍ୟାରେ ପୁଣି ଥରେ କାଳବୈଶାଖୀ ତାଣ୍ଡବ ରଚିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ଏହି ଭଳି ପ୍ରାକୃତିକ ବିପର୍ଯ୍ୟନ୍ତ ଦ୍ୱିତୀୟ ଥର ପାଇଁ ଅନୁଭୂତ ହୋଇଛି। ଉଭୟ କଟକ ଏବଂ ଭୁବନେଶ୍ୱରର ଅନେକ ସ୍ଥାନରେ ଝଡ଼ତୋଫାନ କାରଣରୁ ରାସ୍ତାକଡ଼ରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ପଡ଼ିଛି। ସେହିପରି ହୋର୍ଡିଂକୁ କ୍ଷତି ପହଞ୍ଚାଇଥିବା ବେଳେ ବର୍ଷା ମଧ୍ୟ ଜନଜୀବନକୁ ପ୍ରଭାବିତ କରିଛି।

ରାଜଧାନୀ ଭୁବନେଶ୍ୱରରେ ଶନିବାର ଭଳି ରବିବାର ଦିନ ମଧ୍ୟ ହଠାତ୍ ଆକାଶ ମେଘାଚ୍ଛନ୍ନ ହେବା ସହ ବର୍ଷା ଓ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ବିଜୁଳି ଏବଂ ଘଡ଼ଘଡ଼ିରେ ଆକାଶ ଚମକୁଥିଲା। ସତେ ଅବା ଆକାଶରେ ଢୋଲ ବାଜିଲା ଭଳି ଅନୁଭବ ହେଉଥିଲା। ଏହି କାଳବୈଶାଖୀ ନେଇ ମୌସୁମୀ ବାୟୁ ଠାରୁ ଅଧିକ ଆଶା କରାଯାଉଛି। ଚଳିତ ସପ୍ତାହର ଶେଷ ଅଥବା ଆଗାମୀ ସପ୍ତାହର ଆରମ୍ଭରେ ଓଡ଼ିଶାରେ ମୌସୁମୀ ବାୟୁ ପହଞ୍ଚିପାରେ। ଅଦିନିଆ ବର୍ଷା ମୌସୁମୀ ବାୟୁକୁ ଆଗକୁ ବଢ଼ାଇପାରେ।



ଐତିହାସିକ କଟକ ସହରରେ ରବିବାର ପ୍ରବଳ ଘଡ଼ଘଡ଼ି ସହିତ ବର୍ଷା ହୋଇଛି। ବଜ୍ରାଘାତରେ ଐତିହାସିକ ଚଣ୍ଡୀମନ୍ଦିରର ଦଧିନଉତି ଭାଙ୍ଗିପଡ଼ିଛି। ଏହି ସମୟରେ ଚଣ୍ଡୀମନ୍ଦିର ରାସ୍ତା ଦେଇ ଯାଉଥିବା ଲୋକେ ଭୟଭୀତ ହୋଇ ପଡ଼ିଥିଲେ।

କାଳବୈଶାଖୀ ଯୋଗୁଁ ଅନେକ ସ୍ଥାନରେ ବଡ଼ବଡ଼ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ଏଥିଯୋଗୁଁ କେତେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ବିଦ୍ୟୁତ ତାର କ୍ଷତିଗ୍ରସ୍ତ ହେବାରୁ କିଛି ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ଅନ୍ୟପଟରେ ବର୍ଷା ଯୋଗୁଁ ଗ୍ରୀଷ୍ମ ପ୍ରବାହରୁ ଲୋକମାନେ ସାମୟିକ ଆଶ୍ୱସ୍ତି ପାଇଛନ୍ତି।




## ଏକାଳ ପଖାଳ



ଟ୍ୱିନସିଟିରେ ବରଷା ପ୍ରବଳ
ଗାଁ ଗହଳିରେ ନାଇଁ
ଜମିକୁ କାଦୁଅ କରିବାକୁ ଭାବି
ଚାଷୀ ମୁଣ୍ଡ ଘୁରେ ଘାଇଁ
ବରଷା ଅସରେ ଦେଇ
କ୍ଷେତବାଡି ସବୁ ଉଦ୍ଧାର କରହେ
ଆହେ ଜଗତର ସାଇଁ।

# ବିଶ୍ୱର ସବୁଠାରୁ ଶସ୍ତା ରନ୍ଧନ ଗ୍ୟାସ୍ ପାଉଥିବା ଦେଶ ମଧ୍ୟରେ ଭାରତ



ନୂଆଦିଲ୍ଲୀ, ୭ା୬

ଭାରତୀୟମାନେ ବିଶ୍ୱରେ ରନ୍ଧନ ଗ୍ୟାସର ସର୍ବନିମ୍ନ ଉପଭୋକ୍ତାଙ୍କ ମଧ୍ୟରେ ଅଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ହିତାଧିକାରୀମାନେ ଫଳପ୍ରଦ ଭାବେ ୬୪୨ ଟଙ୍କାରେ ୧୪.୨୦ କିଲୋଗ୍ରାମର ଏଲପିଜି ସିଲିଣ୍ଡର ପାଉଛନ୍ତି। ଦିଲ୍ଲୀର ସାଧାରଣ ଗ୍ରାହକମାନେ ୯୪୨ ଟଙ୍କାରେ ସିଲିଣ୍ଡର କିଣୁଥିବାବେଳେ ବର୍ତ୍ତମାନର ଅନ୍ତର୍ଜାତୀୟ ପରିସ୍ଥିତିରେ ଏକ ସିଲିଣ୍ଡରର ଯୋଗାଣ ମୂଲ୍ୟ ୧,୬୦୦ ଟଙ୍କା ଅତିକ୍ରମ କରିଛି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ରବିବାର କହିଛି ଯେ ପ୍ରଥମ ଚାରୋଟି ରିଫିଲରେ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ସିଲିଣ୍ଡର ପିଛା ୩୦୦ ଟଙ୍କା ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ସହାୟତା ପ୍ରଦାନ କରାଯାଇଛି। ଏହିପରି, ସେମାନେ ବାର୍ଷିକ ୧,୨୦୦ ଟଙ୍କା ସହାୟତା ପାଆନ୍ତି। ଅଣ-ଉଜ୍ଜ୍ୱଳା ଗ୍ରାହକମାନେ ମଧ୍ୟ ବଜାର ମୂଲ୍ୟଠାରୁ ପ୍ରାୟ ୭୦୦ ଟଙ୍କା କମ୍ ମୂଲ୍ୟରେ ସିଲିଣ୍ଡର ପାଉଛନ୍ତି।

ଭାରତରେ ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ପ୍ରଭାବଶାଳୀ ଏଲପିଜି ମୂଲ୍ୟ ୬୪୨ ଟଙ୍କା ଥିବାବେଳେ ସମାନ ପରିମାଣର ସିଲିଣ୍ଡରର ମୂଲ୍ୟ ପାକିସ୍ତାନରେ (ପୃଷ୍ଠା ୭ରେ)

# ମହାରାଷ୍ଟ୍ର ସମେତ ୧୨ ରାଜ୍ୟରେ ମୌସୁମୀ ପହଞ୍ଚିଲା

ନୂଆଦିଲ୍ଲୀ, ୭ା୬

ରବିବାର ମୌସୁମୀ ଆଉ ଚାରିଟି ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ, ଆସାମ ଓ ଅରୁଣାଚଳ ପ୍ରଦେଶରେ ପହଞ୍ଚିଛି। ମହାରାଷ୍ଟ୍ରରେ ମୌସୁମୀ କେବଳ ଦକ୍ଷିଣ କୋଙ୍କଣ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି କାରଣରୁ ସିନ୍ଧୁଦୁର୍ଗ ଓ ରତ୍ନଗିରିରେ ଜୁନ୍ ୯ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଢାଞ୍ଚା ଦୁର୍ବଳ ରହିବ ବୋଲି ଆଶା କରାଯାଉଛି।



ଆଇଏମଡି ଅନୁଯାୟୀ, ମୌସୁମୀ ମିଜୋରାମ, ମଣିପୁର, ତ୍ରିପୁରା, ଅରୁଣାଚଳ ପ୍ରଦେଶ ଓ ଆସାମର କିଛି ଅଂଶରେ ପହଞ୍ଚିଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଏହା ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ଅବଶିଷ୍ଟ ଅଂଶ ଏବଂ ଅବଶିଷ୍ଟ ଉତ୍ତର-ପୂର୍ବ ରାଜ୍ୟରେ ପହଞ୍ଚିବାର ସମ୍ଭାବନା ରହିଛି। ମୌସୁମୀ ଯୋଗୁଁ କେରଳ, କର୍ଣ୍ଣାଟକ, ଗୋଆ ଓ ତାମିଲନାଡୁର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେଉଛି। ତେବେ (ପୃଷ୍ଠା ୭ରେ)





# ବିଷାକ୍ତ ହେଉଛି ବ୍ରାହ୍ମଣୀ : ବିପଦରେ ପାର୍ଶ୍ୱବର୍ତ୍ତୀ ବସ୍ତିବାସିନ୍ଦାଙ୍କ ଜୀବନ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ୧୭ଟି ନଦୀର ଜଳ ପ୍ରଦୂଷିତ। ଏହି ତାଲିକାରେ ରହିଛି ରାଉରକେଲାର ବ୍ରାହ୍ମଣୀ। ନିକଟରେ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ଏଭଳି ସାଂଘାତିକ ତଥ୍ୟ ରଖିବା ପରେ ବଢ଼ିଛି ଚିନ୍ତା। କାରଣ ପ୍ରତ୍ୟେକ ଦିନ ନଦୀ ଆଖପାଖରୁ ନିର୍ଗତ କଳକାରଖାନା, ବୁଦ୍ଧିଜୀବୀ ଓ ପରିବେଶବିତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ହୋଟେଲଗୁଡ଼ିକରୁ ନିର୍ଗତ ବର୍ଜ୍ୟଜଳ ବିନା ଟ୍ରିଟମେଣ୍ଟରେ ବ୍ରାହ୍ମଣୀରେ ମିଶୁଛି। ସେପଟେ ସହରର ନିର୍ଗତ ବର୍ଜ୍ୟଜଳକୁ ବିଶୋଧନ କରିବା ପାଇଁ ପ୍ରାୟ ୩୪୦ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଏବେବି ଅଧପନ୍ତରିଆ ହୋଇପଡ଼ିଛି। ୮ ବର୍ଷ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି। ପ୍ରକଳ୍ପ ଜରିଆରେ ୧୮୬ କିଲୋମିଟର ପାଇପ୍ ଲାଇନ୍ ବିଛାଯିବାକୁ ଡିପିଆର ପ୍ରସ୍ତୁତ ହୋଇଥିଲା। ଏଥିସହ ୭ଟି ପମ୍ପିଂ ହାଉସ୍ ଓ ୨ଟି ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୭ ଜାନୁଆରୀ କାର୍ଯ୍ୟ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୨୦ ସୁଦ୍ଧା ଶେଷ ହେବ କଥା। ବିଭାଗୀୟ ଅଧିକାରୀଙ୍କ ତାଗିଦ୍ ସତ୍ତ୍ୱେ ଠିକାସଂସ୍ଥା କାମ ସାରିପାରିଲା ନାହିଁ। ୨୦୨୨ ପର୍ଯ୍ୟନ୍ତ କାମ କରିବାକୁ ଠିକାସଂସ୍ଥାକୁ ସମୟ ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ କାମ ସରିଲାନି। ଏବେ ଯେତିକି ଘର, ହସ୍ପିଟାଲ, ହୋଟେଲ ଓ ରେଷ୍ଟୋରାଁକୁ ସ୍ୱରେଜ୍ ଲାଇନ ସଂଯୋଗ ହେବା କଥା, ତା' ହୋଇ ନଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଏତେ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବ୍ରାହ୍ମଣୀନଦୀ ପ୍ରଦୂଷିତ ହେଉଥିବାରୁ ବୁଦ୍ଧିଜୀବୀ ଓ ପରିବେଶବିତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀ ଉପରେ ନିର୍ଭରଶୀଳ ପାର୍ଶ୍ୱବର୍ତ୍ତୀ ବସ୍ତିବାସିନ୍ଦାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କାରଣ ଅନେକ ବସ୍ତିବାସିନ୍ଦା ଓ ପ୍ରାଣୀମାନେ ନଦୀର ଜଳକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଅଧାପନ୍ତରିଆ ସ୍ୱରେଜ ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ନ କଲେ ଆଗାମୀ ଦିନରେ ବ୍ରାହ୍ମଣୀ ଅଞ୍ଚଳବାସୀଙ୍କ ପ୍ରତି ବିପଦ ଆଣିପାରେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଛନ୍ତି, ବ୍ରାହ୍ମଣୀର ପ୍ରଦୂଷଣ ରୋକିବାକୁ ଉଭୟ ପ୍ରଦୂଷଣ ଓ ସ୍ୱରେଜ ବୋର୍ଡ ସଜାଗ ହେବା ଦରକାର। ଟ୍ରିଟମେଣ୍ଟପ୍ଲାଣ୍ଟକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବାର ମଧ୍ୟ ଆବଶ୍ୟକତା ରହିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଅନୁପ କୁମାର ମଲ୍ଲିକ କହିଛନ୍ତି, ଡାକ୍ତରଖାନା ଓ ହସ୍ପିଟାଲଗୁଡ଼ିକ ନିର୍ଗତ ବର୍ଜ୍ୟଜଳକୁ ବିଶୋଧନ କରି ନଦୀ ଛାଡ଼ିବାକୁ ଚିଠି କରାଯାଇଛି। ବ୍ରାହ୍ମଣୀନଦୀର ଜଳ ଲୋକ ଓ ପ୍ରାଣୀସମ୍ପଦକୁ କ୍ଷତି ପହଞ୍ଚାଇବାଭଳି ପରିସ୍ଥିତି ଆସି ନାହିଁ। ଆଗକୁ ଏସ୍‌ଟିପି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବ୍ରାହ୍ମଣୀନଦୀ ଆଉ ଏତେଟା ପ୍ରଦୂଷିତ ହେବ ନାହିଁ। ତଥାପି ପ୍ରଦୂଷଣ ବିଭାଗ ବ୍ରାହ୍ମଣୀନଦୀ ଜଳ ପ୍ରଦୂଷିତ ନ ହେବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି।



# ମୁରବି ବିହୀନ ଚମ୍ପୁଆ ଲ୍ୟାମ୍ପ୍ସ, ଆସିପାରୁନି ସାର କି ବିହନ : ଚାଷୀ ମହଲରେ ତୀବ୍ର ଅସନ୍ତୋଷ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଭାରତ ଏକ କୃଷି ପ୍ରଧାନ ଦେଶ ଓ ଚାଷୀ ହେଉଛି ଦେଶର ମେରୁଦଣ୍ଡ। କିନ୍ତୁ ବର୍ତ୍ତମାନ ଚାଷ ଅନୁକୂଳ ସମୟ ଗଡ଼ି ଯାଉଥିବା ବେଳେ ଚମ୍ପୁଆ ଅଞ୍ଚଳରେ ଚାଷୀଙ୍କୁ ଅଣଦେଖା କରି ଏ ପର୍ଯ୍ୟନ୍ତ ସାର, ବିହନ ନ ଯୋଗାଇବା ସ୍ଥାନୀୟ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ସିଧା ସଳଖ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଭାଗୀୟ ଅବହେଳା ଓ ଅବ୍ୟବସ୍ଥା ଯୋଗୁଁ ଏବେ ଚମ୍ପୁଆ ଲ୍ୟାମ୍ପ୍ସ ଏକ ପ୍ରକାର ମୁରବି ବିହୀନ ହୋଇପଡ଼ିଛି। ଏହାର ସିଧାସଳଖ ପ୍ରଭାବ ସ୍ଥାନୀୟ ଚାଷୀଙ୍କ ଉପରେ ପଡ଼ିଥିବା ବେଳେ ଚାଷ ସମୟରେ ସାର ଓ ବିହନ ନମିଳିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟରେ ଅନିୟମିତତା ପାଇଁ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ରଜତ କୁମାର ଗିରିଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ଦାୟିତ୍ୱରେ ଥିବା ଦେବବ୍ରତ ମହାରଣାଙ୍କର ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଲ୍ୟାମ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ଚମ୍ପୁଆ ଲ୍ୟାମ୍ପ୍ସରେ କୌଣସି ଯୋଗ୍ୟ ସ୍ଥାୟୀ କର୍ମଚାରୀ ନାହାନ୍ତି। ଫଳରେ ଏବେ ଚମ୍ପୁଆର ତିନୋଟି ଲ୍ୟାମ୍ପକୁ ସାର ଓ ବିହନ ଆସି ପାରୁନାହିଁ। ଚାଷ କାର୍ଯ୍ୟ ପାଇଁ ଦିନ ଗଡି ଯାଉଥିବା ବେଳେ ଚାଷୀମାନେ ଠିକ ସମୟରେ ସାର ଓ ବିହନ ପାଇ ପାରୁ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଅଞ୍ଚଳର ଚାଷୀମାନଙ୍କ ଆବଶ୍ୟକତା ଅନୁଯାୟୀ ଚମ୍ପୁଆ ଲ୍ୟାମ୍ପ୍ସରେ ଡିଏପି ୨୦୦୦ କ୍ୱିଣ୍ଟାଲ, ୟୁରିଆ ୨୫୦୦ କ୍ୱିଣ୍ଟାଲ, ପଟାସ ୧୨୦୦ କ୍ୱିଣ୍ଟାଲ ସାରର ଆବଶ୍ୟକତା ରହିଥିବା ବେଳେ କରଞ୍ଜିଆ ଲ୍ୟାମ୍ପ୍ସରେ ଡିଏପି ୧୮୦୦ କ୍ୱିଣ୍ଟାଲ, ୟୁରିଆ ୨୦୦୦ କ୍ୱିଣ୍ଟାଲ, ପଟାସ ୧୦୦୦ କ୍ୱିଣ୍ଟାଲ ଓ ଜାମୁଦଲକ ଲ୍ୟାମ୍ପ୍ସରେ ଡିଏପି ୧୮୦୦ କ୍ୱିଣ୍ଟାଲ, ୟୁରିଆ ୨୦୦୦ କ୍ୱିଣ୍ଟାଲ ଓ ପଟାସ ୧୦୦୦ କ୍ୱିଣ୍ଟାଲ ସାରର ଆବଶ୍ୟକତା ରହିଛି। କିନ୍ତୁ ସାର ଓ ବିହନ ଅଭାବରୁ ଚମ୍ପୁଆ ଅଞ୍ଚଳର ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଚମ୍ପୁଆ ଲ୍ୟାମ୍ପ ସଭାପତି ଲଳିତ କୁମାର ସିଂ, ସମବାୟ ସମିତିର ସହକାରୀ ନିବନ୍ଧକଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡ଼ିଛି। ତେବେ ଚାଷୀଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲା କୃଷି ଅଧିକାରୀ ଓ କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଚମ୍ପୁଆ ଲ୍ୟାମ୍ପ୍ସରେ ଜଣେ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସହ ଜରୁରୀକାଳୀନ ଭିତିରେ ସାର ଓ ବିହନ ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦୃଢ଼ ଦାବି ହେଉଛି।

# କୋରାପୁଟ ଜିଲ୍ଲା ଡାକ୍ତରଖାନାରେ ନେଗେଟିଭ୍ ଗ୍ରୁପ୍ ରକ୍ତର ଅଭାବ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଥିବା ୨ଟି ରକ୍ତଭଣ୍ଡାରରେ ଦିନକୁ ଦିନ ରକ୍ତର ଅଭାବ ଦେଖାଦେଉଛି। ଯାହାଫଳରେ ରୋଗୀ ଓ ସେମାନଙ୍କ ପରିବାର ଲୋକ ସମସ୍ୟାରେ ପଡ଼ିବା ସହ ଚିନ୍ତା ବଢ଼ିବାରେ ଲାଗିଥିବା ଲକ୍ଷ୍ୟ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ରକ୍ତଦାନ ଶିବିର ଧିମେଇ ଯାଇଥିବା ଜଣାଯାଇଛି। ବିଶେଷ କରି ଜରୁରୀ ଅସ୍ତ୍ରୋପଚାର, ପ୍ରସବ, ଦୁର୍ଘଟଣା ଓ ଗୁରୁତର ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଆବଶ୍ୟକ ରକ୍ତ ମିଳିବା କଷ୍ଟକର ହୋଇପଡ଼ିଛି। ଫଳରେ ରୋଗୀଙ୍କ ସମ୍ପର୍କୀୟ ମାନେ ରକ୍ତ ପାଇଁ ଏଣେତେଣେ ଦୌଡ଼ାଦୌଡ଼ି କରୁଥିବା ଲକ୍ଷ୍ୟ କରାଯାଇଛି। ସୂଚନା ଅନୁସାରେ, ଜିଲ୍ଲାର ଦୁଇଟି ପ୍ରମୁଖ ସରକାରୀ ରକ୍ତଭଣ୍ଡାରଗୁଡ଼ିକରେ ବର୍ତ୍ତମାନ ବିଭିନ୍ନ ଗ୍ରୁପ୍‌ର ରକ୍ତର ଷ୍ଟକ୍ ଆବଶ୍ୟକତା ତୁଳନାରେ ବହୁତ କମ୍ ରହିଛି। ବିଶେଷ କରି ଇ-ନେଗେଟିଭ ଭଳି ଦୁର୍ଲଭ ଗ୍ରୁପର ରକ୍ତ ପ୍ରାୟ ଅନୁପଲବ୍ଧ ହୋଇଯାଇଛି। ଅନେକ ସମୟରେ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ନିଜେ ଦାତା ହେବାକୁ ପଡୁଛି। କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ରକ୍ତର ଚାହିଦା ମଧ୍ୟ ବଢ଼ିଛି। ଥାଲାସେମିଆ, ସିକେଲ ସେଲ, ରକ୍ତହୀନତା ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ରୋଗୀମାନେ ନିୟମିତ ଭାବେ ରକ୍ତ ଆବଶ୍ୟକ କରୁଥିବାରୁ ଉପଲବ୍ଧ ରକ୍ତ ଶୀଘ୍ର ଶେଷ ହୋଇଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଗ୍ରୀଷ୍ମ ଋତୁ ଓ ବର୍ଷା ଆରମ୍ଭ ସମୟରେ ସାଧାରଣତଃ ରକ୍ତଦାନ ଶିବିର କମ୍ ହେବା ସହ ରକ୍ତଦାତାଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଥାଏ। ଏହା ରକ୍ତଭଣ୍ଡାରରେ ରକ୍ତ ସଂକଟର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଅନ୍ୟପଟେ, ସଚେତନତାର ଅଭାବ ଯୋଗୁଁ ଅନେକ ଯୁବକ ରକ୍ତଦାନ ପ୍ରତି ଆଗ୍ରହ ଦେଖାଉ ନ ଥିବା ମଧ୍ୟ ଏହି ସମସ୍ୟାକୁ ବଢ଼ାଇଛି। ସାମାଜିକ କର୍ମୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ରକ୍ତ ସଂକଟ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ନିୟମିତ ରକ୍ତଦାନ ଶିବିର ଆୟୋଜନ କରିବା ସହ ଲୋକଙ୍କୁ ସଚେତନ କରିବାକୁ ଦାବି କରିଛନ୍ତି। କଲେଜ, ବିଶ୍ୱବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ସଂଗଠନ ସହଯୋଗରେ ବ୍ୟାପକ ରକ୍ତଦାନ ଅଭିଯାନ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ରୋଗୀଙ୍କ ପରିବାର ଲୋକେ କହିଛନ୍ତି ଯେ, ଜରୁରୀ ସମୟରେ ରକ୍ତ ନ ମିଳିବା ଏକ ଗୁରୁତର ସମସ୍ୟା। ଅନେକ ଗରିବ ପରିବାର ରକ୍ତ ଯୋଗାଡ଼ କରିବା ପାଇଁ ଦିନ ଦିନ ଧରି ହସ୍ପିଟାଲ ଓ ରକ୍ତଭଣ୍ଡାର ଚକ୍କର କାଟୁଛନ୍ତି। ତେଣୁ ରକ୍ତ ସଂଗ୍ରହ ବୃଦ୍ଧି ପାଇଁ ସରକାର ଓ ସମାଜର ସମସ୍ତ ବର୍ଗ ଆଗେଇ ଆସିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। କୋରାପୁଟ ଜିଲାରେ ଦେଖାଦେଇଥିବା ଏହି ରକ୍ତ ସଂକଟ କେବଳ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମସ୍ୟା ନୁହେଁ, ବରଂ ସମାଜର ସାମୂହିକ ଦାୟିତ୍ୱର ପ୍ରତିଫଳନ। ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି ସ୍ୱାସ୍ଥ୍ୟ ମହଲରେ ଆଶଙ୍କା ପ୍ରକାଶ ପାଇଛି। ତେଣୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମସ୍ୟାକୁ ଗୁରୁତ୍ୱର ସହ ନେବା ପାଇଁ ଜିଲ୍ଲାବାସୀ ଦାବି କରିଛନ୍ତି।

# ମାଟି ହାଣ୍ଡିର କମୁଛି ଚାହିଦା : ସଙ୍କଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଗ୍ରୀଷ୍ମଋତୁରେ ମାଟିହାଣ୍ଡିର ଥଣ୍ଡା ପାଣି ସମସ୍ତଙ୍କ ଶୋଷ ମେଣ୍ଟାଇଥାଏ। ପ୍ରାଚୀନ କାଳରୁ ଲୋକେ ମାଟିହାଣ୍ଡିର ଜଳ ବ୍ୟବହାର କରୁଥିଲେ। ଏବେ କିନ୍ତୁ କିଛି ସ୍ଥାନରେ ଥିବା ଜଳଛତ୍ର ଗୁଡିକରେ ମାଟି ହାଣ୍ଡିର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଏହା ବ୍ୟତୀତ ପୂର୍ବରୁ ପୂଜାପର୍ବାଣୀରେ ମାଟିରେ ନିର୍ମିତ ବିଭିନ୍ନ ପ୍ରକାର ପାତ୍ର ଖୋଜା ପଡ଼ିଥାଏ। ହେଲେ ଧୀରେଧୀରେ ମାଟି ପାତ୍ରର ଚାହିଦା କମିବାରେ ଲାଗିଛି। ଏବେ ଗ୍ରୀଷ୍ମ ଋତୁ ଥିବାରୁ ଅଧିକାଂଶ ଲୋକଙ୍କ ଘରେ ମାଟିହାଣ୍ଡିରେ ପାଣି ବ୍ୟବହାର କରିଥାନ୍ତି, ଏହି ସମୟରେ ବିକ୍ରି କରି କିଛି ଭଲ ରୋଜଗାର ପାଇଁ ଆଶା ବାନ୍ଧିଥାଆନ୍ତି କୁମ୍ଭକାର ପରିବାର। ହେଲେ ବର୍ତ୍ତମାନ ଜୟପୁର ବଜାରରେ ମାଟି ପାତ୍ର ବଦଳରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମିଳୁଥିବାରୁ ବ୍ୟବସାୟ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ନିଜର କୌଳିକ ବୃତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କୁମ୍ଭକାର ପରିବାର। ଗ୍ରୀଷ୍ମଋତୁରେ ମାଟି ହାଣ୍ଡିର ଚାହିଦା ବେଶ୍ ବଢ଼ିଯାଏ। ମାଟି ହାଣ୍ଡିର ପାଣି ପିଇଲେ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ମିଳିଥାଏ। ଏହା ବ୍ୟତୀତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। କିନ୍ତୁ ପରିବର୍ତ୍ତିତ ଆଧୁନିକ ଚଳଣୀରେ ମାଟି ପାତ୍ର ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ଲୋକେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ଧୀରେଧୀରେ ମାଟି ପାତ୍ରକୁ ଅଣଦେଖା କରୁଛନ୍ତି। ମାଟି ପାତ୍ରର ସ୍ଥାନ ନେଲାଣି ଅତ୍ୟାଧୁନିକ ବିଭିନ୍ନ ପ୍ରକାର ଷ୍ଟିଲ, ଆଲୁମିନିୟମ, ଫାଇବର ଓ କାଚ ପ୍ରଭୃତିରେ ନିର୍ମିତ ଫିଲଟର୍, ଆକ୍ୱାଗାର୍ଡ, ଫ୍ରିଜ୍ ସମେତ ବିଭିନ୍ନ ପ୍ରକାର ବୈଦୁତିକ ସାମଗ୍ରୀ। ଅତ୍ୟାଧୁନିକ ବୈଦ୍ୟୁତିକ ସାମଗ୍ରୀରେ ଖୁବଶୀଘ୍ର ସମେତ ଜିନିଷ ପ୍ରସ୍ତୁତ ହୋଇଥାଏ ଏବଂ ଦେଖିବାକୁ ମଧ୍ୟ ଭଲଥିବାରୁ ବର୍ତ୍ତମାନ ଟଙ୍କାକୁ ନଦେଖି ଗରିବ ଠାରୁ ଧନୀ ଶ୍ରେଣୀର ପରିବାରରେ ବୈଦ୍ୟୁତିକ ସାମଗ୍ରୀ ବ୍ୟବହାର ବଢ଼ିବାରେ ଲାଗିଛି। ଏହା ଛଡ଼ା ଦୀପାବଳି ସମୟରେ ମଧ୍ୟ ରାଜ୍ୟ ବାହାରୁ ଆସୁଥିବା ରଙ୍ଗବେରଙ୍ଗର ଦୀପର ବିକ୍ରି ବୃଦ୍ଧି ପାଇଥାଏ। ମାଟି ଦୀପ ଜାଳିବା ପରମ୍ପରା ମଧ୍ୟ ହଜିବାକୁ ବସିଲାଣି। ଏପରିକି ପୂର୍ବରୁ ମାଟିରେ ତିଆରି ଖପର ଘରେ ଲୋକେ ରହୁଥିଲେ। କିନ୍ତୁ, ବର୍ତ୍ତମାନ ଖପର ଘର ମଧ୍ୟ ବହୁତ୍ କମ୍ ଦେଖିବାକୁ ମିଳୁଛି। ଚାରିପଟେ ପକ୍କା ଘର ଦେଖିବାକୁ ମିଳୁଛି। ଫଳରେ ବହୁ କୁମ୍ଭକାର ପରିବାର ନିଜର କୌଳିକ ବୃତ୍ତି ଛାଡ଼ିବାକୁ ବସିଲେଣି। ତେଣୁ ରାଜ୍ୟ ସରକାର କୁମ୍ଭାକାର ପରିବାରଙ୍କ ଗୁଜୁରାଣ କିପରି ମେଣ୍ଟିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି।



## ନିର୍ମାଣ କାର୍ଯ୍ୟରେ ଫ୍ଲାଏ ଆସ ବ୍ୟବହାରକୁ ନେଇ ବଢ଼ିଲା ଅସନ୍ତୋଷ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଭାତଲଇଡ଼ା ଗ୍ରାମପଞ୍ଚାୟତରେ ଚାଲି ଥିବା ବିଭିନ୍ନ ସରକାରୀ ଓ ଜନମଙ୍ଗଳ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଏବଂ ଅନିୟମିତତା ହେଉଥିବା ସହିତ ନିର୍ମାଣ କାର୍ଯ୍ୟରେ ଫ୍ଲାଏ ଆସ୍ ବ୍ୟବହାରକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିକଟରେ ଗୁରୁବାର ଏକ ଲିଖିତ ଅଭିଯୋଗ କରା ଯାଇଛି। ସରକାରୀ ଅର୍ଥର ରିଲୁଟ୍ ସହ ପରିବେଶ ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଭାତଲଇଡ଼ା ଗ୍ରାମପଞ୍ଚାୟତ ବାସୀଙ୍କ ଅଭିଯୋଗ ମୁତାବକ ଉତ୍କୃଷ୍ଟ ନିର୍ମାଣ ସାମଗ୍ରୀ ବଦଳରେ ଫ୍ଲାଏ ଆସ ବ୍ୟବହାର କରି କୋଟି କୋଟି ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଛି। ଭାତଲଇଡ଼ା ଗ୍ରାମ ପଞ୍ଚାୟତର ଗ୍ରାମ-ପଞ୍ଚାୟତ ଅଫିସ ଗୃହ ନିର୍ମାଣ, ପଞ୍ଚାୟତ ଅଫିସ ଗାର୍ଡୱାଲ୍ ନିର୍ମାଣ, ମୁଣ୍ଡାଟିକ୍ରାରେ ନିର୍ମିତ ଗାର୍ଡୱାଲ, ଖଜୁରୀମୁଣ୍ଡାରେ ନିର୍ମିତ ଗାର୍ଡୱାଲ ଆଦି କାର୍ଯ୍ୟରେ ପାଉଁଶ ବ୍ୟବହାର ହେବା ସହିତ ନିର୍ମାଣ ଚାଲିଥିବା ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ଅଳ୍ପ ଦିନ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକ ଭାଙ୍ଗିଯିବାର ବଡ଼ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୂର୍ବରୁ ଗ୍ରାମବାସୀମାନେ ଲଇକେରା ବି.ଡି.ଓ. ଏବଂ ସହକାରୀ ଯନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଭଳି ସ୍ଥିତିରେ ସାଧାରଣ ଜନତାଙ୍କ ଟିକସ ଅର୍ଥର ହରିଲୁଟ୍‌କୁ ରୋକିବା ସହ ଦୋଷୀ ମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାତଲଇଡା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## କନ୍ଧମାଳର ଝିଅ ସୋନମ ବେହେରାଙ୍କୁ ମୁମ୍ବାଇରେ ଜାତୀୟ ସମ୍ମାନ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁରାଦେଇ ଗ୍ରାମର ଯୁବ ନେତ୍ରୀ ସୋନମ ବେହେରା ମୁମ୍ବାଇରେ ଆୟୋଜିତ ବିଡବ୍ଲୁ ବିଜିନେସ୍ ୱାର୍ଲ୍ଡ ଫେଷ୍ଟିଭାଲ ଅଫ ୱେଲ୍ ବିଇଙ୍ଗ୍ ୨୦୨୬ ଅବସରରେ ପ୍ରତିଷ୍ଠିତ 'ରାଇଜିଙ୍ଗ ୟୁଥ୍ ଲିଡର ଆୱାର୍ଡ' ହାସଲ କରି ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ଦେଶର ସେହି ଯୁବ ନେତୃତ୍ୱମାନଙ୍କୁ ପ୍ରଦାନ କରାଯାଏ, ଯେଉଁମାନେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥାନ୍ତି। ବାଲ ରକ୍ଷା ଭାରତ (ସେଭ ଦି ଚିଲଡ୍ରେନ) ଦ୍ୱାରା ପରିଚାଳିତ ଜି ଡି ଏନ ପ୍ରକଳ୍ପ ମାଧ୍ୟମରେ ସୋନମ ମାଇକ୍ରୋ ପ୍ରୋଜେକ୍ଟରେ ଗତ ଏକ ବର୍ଷ ଧରି ଯୁବ ନେତୃତ୍ୱ ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ବିଶେଷ କରି କିଶୋରୀମାନଙ୍କ ମଧ୍ୟରେ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବୃଦ୍ଧି, ଏହାକୁ ନେଇଥିବା କୁସଂସ୍କାର ଓ ଭ୍ରାନ୍ତ ଧାରଣା ଦୂରୀକରଣ ତଥା ଯୁବ ନେତୃତ୍ୱ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପ୍ରଶଂସନୀୟ। ଗ୍ରାମ ସ୍ତରରେ ତାଙ୍କର ନିରନ୍ତର ପ୍ରୟାସ ଫଳରେ ଅନେକ କିଶୋରୀ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟକର ଓ ସୁରକ୍ଷିତ ଅଭ୍ୟାସ ଅପଣାଇବା ସହ ନିଜ ସ୍ୱାସ୍ଥ୍ୟ, ଅଧିକାର ଓ ଆତ୍ମବିଶ୍ୱାସ ପ୍ରତି ଅଧିକ ସଚେତନ ହୋଇପାରିଛନ୍ତି। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ତାଙ୍କର ଏହି ନିଷ୍ଠା ଓ ନେତୃତ୍ୱକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କର ଏହି ଉଲ୍ଲେଖନିୟ କୃତିତ୍ୱ ପାଇଁ ଦିଲ୍ଲୀ ସ୍ଥିତ (ଏନଏସଓ) ବାଲ ରକ୍ଷା ଭାରତର ପ୍ରକଳ୍ପ କାର୍ଯ୍ୟକାରୀ ମୁଖ୍ୟ ପ୍ରଦୀପ କୁମାର ମିଶ୍ର, ସୋମି ହଲଦାର ଓ ଓଡ଼ିଶାର ମୁଖ୍ୟ ଡାକ୍ତର ଅଭିଜିତ ଭଦ୍ରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋନମଙ୍କ ଏହି ସଫଳତା କେବଳ ଖଜୁରୀପଡା କିମ୍ବା କନ୍ଧମାଳ ଜିଲ୍ଲା ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ତାଙ୍କର ଏହି ଉପଲବ୍ଧି ଅନ୍ୟ ଯୁବପିଢ଼ିଙ୍କୁ ସମାଜ ସେବା, ନେତୃତ୍ୱ ବିକାଶ ଏବଂ ସକାରାତ୍ମକ ପରିବର୍ତ୍ତନ ପାଇଁ ଆଗେଇ ଆସିବାକୁ ପ୍ରେରଣା ଯୋଗାଇବ। ତାଙ୍କର ଏହି ସଫଳତା।

# ଉପକୂଳରେ ମାଡୁଛି ଗଞ୍ଜେଇ ଚେର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜାନୁଆରୀ ମାସରୁ ୨୦୨୬ ମେ' ମାସ ମଧ୍ୟରେ ରାଜ୍ୟର ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଚଢ଼ଉ କରି ଓଡ଼ିଶା ପୁଲିସ ୨୭ ଶହ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି କିମ୍ବା ନଷ୍ଟ କରିଛି। ଦକ୍ଷିଣ-ପଶ୍ଚିମ (କୋରାପୁଟ) ପୁଲିସ ରେଞ୍ଜରେ ୩ ହଜାର ୧୭୧ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ବ୍ରହ୍ମପୁର ରେଞ୍ଜରେ ୨ହଜାର ୮୬୨ କିଲୋ ଗଞ୍ଜେଇ ଜବତ ହୋଇଛି। ଚଳିତ ବର୍ଷ ମେ' ୧୨ ରୁ ୧୬ ତାରିଖ ମଧ୍ୟରେ ପୁଲିସ ରାଜ୍ୟବ୍ୟାପୀ ଚଢ଼ଉ କରି ୩ ହଜାର କିଲୋ ଗଞ୍ଜେଇ ଜବତ କରିଥିଲା।

ଗଞ୍ଜେଇ ନିର୍ମୂଳ ଅଭିଯାନରେ ରାଜ୍ୟ ପୁଲିସର ବିଶାଳ ସଫଳତା ମଧ୍ୟରୁ ଏହା କାଣିଚାଏ। କିନ୍ତୁ ସଫଳତାର ଡିଣ୍ଡିମ ମଧ୍ୟରେ ଯାଦୁ କାଛୁ ଭଳି ଗଞ୍ଜେଇ ମଞ୍ଜି କିପରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରୁ ଆସି ଉପକୂଳ ଜିଲ୍ଲାରେ ବିଞ୍ଚିହେଲାଣି, ତାହାକୁ ସମ୍ଭବତଃ ପୁଲିସ ଅଣଦେଖା କରୁଛି। ଦୀପ ତଳ ଅନ୍ଧାର ଭଳି ପୁରୀ ଜିଲ୍ଲାରେ ଗଞ୍ଜେଇ ଗଛର ଚେର ଏବେ ମାଟି କାମୁଡ଼ି ଧରିଲାଣି। ଫୁଟେ କି ଦୁଇ ଫୁଟ ନୁହଁ ୫ ଫୁଟ ଉଚ୍ଚର ସବୁଜ ଛନ ଛନ ଗଛ ନଦୀ କୂଳର ଶୋଭା ବଢ଼ାଉଛି।

ପୁରୀ ଜିଲ୍ଲାର କଣାସ ବ୍ଲକ। ଗତ ବର୍ଷ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଗୋପିନାଥପୁର-ବଡ଼ଗୋଠ ମଧ୍ୟବର୍ତ୍ତୀ ଅଞ୍ଚଳ ମକରା ନଦୀର ଧାରେ ଧାରେ ଥିବା ଜମିରେ ବିପୁଳ ଗଞ୍ଜେଇ ଗଛ ଦେଖିବାକୁ ମିଳିଥିଲା। ନାନକେରା ମୌଜାରେ କିଛି ଅଞ୍ଚଳରେ ଏହା ବି ହୋଇଥିଲା। ପରିବା ଫସଲ ମଧ୍ୟରେ ଉର୍ବର ମାଟି ଓ ଭଲ ପାଣି ପାଇ ଗଞ୍ଜେଇ ଗଛ ଶୀଘ୍ର ବଢ଼ିଥିଲା। ସେହିପରି ପଣ୍ଡିଆକେରା ପଞ୍ଚାୟତର ନାନକେର ଗ୍ରାମ ପାଖରେ ବାଦାମ ଓ ପୋଟଳ ଜମିରେ ମଧ୍ୟ ଗଞ୍ଜେଇ ଗଛ ହୋଇଥିଲା। ଉର୍ବର ମାଟି ଭଳି କିଛି ଲୋକଙ୍କ ଉର୍ବର ମସ୍ତିଷ୍କ ଥିଲା ଏହା ପଛରେ। କାରଣ ସାରା ଓଡ଼ିଶାରେ ପରିବା ଜମିରେ ଗଞ୍ଜେଇ ଚାଷ କେବେ ଦେଖିବାକୁ ମିଳିନଥିଲା। ସ୍ଥାନୀୟ କିଛି ସଚେତନ ଲୋକଙ୍କ ଚାପ ପଡ଼ିବାରୁ ଅବକାରୀ ବିଭାଗ ଦଳବଳ ନେଇ ଚଢ଼ଉ କରିଥିଲା। ୪/୫ଶହ ଗଛ କାଟି ଜାଳି ଦେଇଥିଲା। ବିଭିନ୍ନ ଗଣମାଧ୍ୟମରେ ବଡ଼ ବଡ଼ ଫଟୋ ସହ ଖବର ଦେଖିବାକୁ ମିଳିଥିଲା। ପୁଲିସ ଓ ଅବକାରୀ ବିଭାଗ ସାଉଁଟିଥିଲା ପ୍ରଶଂସା। କିନ୍ତୁ କାହା ନାମରେ ମାମଲା ହେଲାନି କି କାହାରିକୁ ଗିରଫ କରାଗଲାନି।

ବାସ୍ତବରେ ୨୦୨୫ରେ ଏହି ନଦୀ ପଠାରେ ଅବକାରୀ ବିଭାଗର ପାଦ ପଡ଼ିଥିଲେ ମଧ୍ୟ, ଖବର ଯାହା ଅଛି ୨୦୨୩ ଓ ୨୦୨୪ରେ ବି ଏହି ଅଞ୍ଚଳରେ ଗଞ୍ଜେଇ ଅମଳ ହୋଇଥିଲା। ସୁରୁଖୁରୁରେ ବେପାର ହୋଇଥିଲା। ୨୦୨୫ରେ ଟିକେ ଅଧିକ ଅଞ୍ଚଳକୁ ତାହା ବ୍ୟାପିଥିଲା। ଏବେ ୨୦୨୬। ପୁଣି ଗଞ୍ଜେଇ ନିଶାରେ କଣାସର ନଦୀ ପଠା। ଏଥର ଗଡ଼ବଡ଼ପୁଟ ପଞ୍ଚାୟତକୁ ଚେର ବ୍ୟାପିଛି। କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥିତ। ଅନେକ ଜମି ଖାଲୁଆ। ବନ୍ୟା ସମୟରେ ଶାରଦ ଧାନ ଫସଲ ଅନେକ ସମୟରେ ନଷ୍ଟ ହୋଇଯାଏ। ଦୟା ଓ ରାଜୁଆ ନଦୀ ପଠା ଅଞ୍ଚଳ ଏବଂ ପାଖଆଖ ଜମିରେ ବଡ଼ବଡ଼ ବେଣାବୁଦା ମଧ୍ୟରେ ବେଶ୍ ସହଜରେ ପାଣି ପବନ ପାଇ ଗଞ୍ଜେଇ ଗଛ ସୁରକ୍ଷିତ ରହିଛି।

ଏଠାରେ ପ୍ରଶ୍ନ ଉଠୁଛି, ଏଠି ଗଞ୍ଜେଇ ଚାଷ କରୁଛି କିଏ? କାହା ଜମିରେ ହେଉଛି? ଅମଳ ହେଉଥିବା ଗଞ୍ଜେଇ ଫୁଙ୍କୁଛି କିଏ ନା ଚାଲାଣ କରାଯାଉଛି। ଭାଙ୍ଗ ହୋଇ ପୁରୀ ଯାଉଛି କି? ଥାନା ଓ ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ୪/୫ କିଲୋମିଟର ଦୂରରେ କିପରି ଗଞ୍ଜେଇ ଚାଷ ହୋଇପାରୁଛି? ଚାଷ ହେଉଥିବା ଜମି ବ୍ୟକ୍ତିଗତ ହୋଇଥିଲେ, ଜମି ମାଲିକଙ୍କୁ ଗିରଫ କରା ନଯିବାର କାରଣ କ'ଣ? ଗଞ୍ଜେଇ ଗଛ ଛୋଟ ଥିବା ବେଳେ ଟେର୍ ପାଉ ନଥିବା ବିଭାଗ ଗଛ ୫ ଫୁଟ ହେବା ପରେ ଖବର ପାଉଛି କିପରି? ପୁଲିସ, ବନ ବିଭାଗ ଓ ରାଜସ୍ୱ ବିଭାଗର ନାକ ତଳେ ହେଉଥିବା ଏହି ଗଞ୍ଜେଇ ଚାଷରେ ଲଗାମ ନ ଲାଗିଲେ ଏହା ଧୀରେ ଧୀରେ ଲୋକଙ୍କ କିଚେନ୍ ଗାର୍ଡେନକୁ ବ୍ୟାପିଯିବା ଅସମ୍ଭବ ନୁହେଁ। ଭବିଷ୍ୟତରେ ରାଜ୍ୟ ବାହାର ବେପାରୀ ଆଉ କନ୍ଧମାଳ ନଯାଇ ପୁରୀ ଜିଲ୍ଲାରେ ଗଞ୍ଜେଇ ପାଇପାରିବେ।



## ସାହିତ୍ୟିକ ନବ କିଶୋର ଦୀପଙ୍କୁ 'ସୃଜନଶ୍ରୀ' ସମ୍ମାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନଠାରେ ଅପରାହ୍ନ ସୈନିକ ସମ୍ବାଦପତ୍ର ଓ ଶ୍ରୀଲିପ୍ସା ପ୍ରିଣ୍ଟ ମିଡ଼ିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ସାରସ୍ୱତ ମହୋତ୍ସବ ୨୦୨୬ର ଭବ୍ୟ ସମାରୋହରେ ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ତଥା କବି ନବ କିଶୋର ଦୀପଙ୍କୁ 'ସୃଜନଶ୍ରୀ' ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି। ଅନେକ ସମାଜ ସଂସ୍କାର ଧର୍ମୀ ଲେଖା, କବିତା ଓ ପ୍ରବନ୍ଧ ମାଧ୍ୟମରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ତଥା ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସର୍ଜନଶୀଳ ସୃଷ୍ଟି, ସମାଜ ପ୍ରତି ତ୍ୟାଗ ଓ ସମର୍ପଣ ଭାବ ଏବଂ ଶିକ୍ଷାର୍ଥୀଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ସମ୍ମାନ ଜଣାଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ଶ୍ରୀ ଦୀପ ଏହା ପୂର୍ବରୁ ଜଣେ ଆଦର୍ଶ ଶିକ୍ଷକ, ପରିବେଶବିତ୍ ଓ ସମାଜସେବୀ ଭାବେ ରାଜ୍ୟ ସ୍ତରୀୟ ବ୍ଲଡ଼ ହିରୋ ଆୱାର୍ଡ-୨୦୨୪, ପ୍ରକୃତି ବନ୍ଧୁ ପୁରସ୍କାର-୨୦୨୫, ସାରସ୍ୱତ ପ୍ରତିଭା ସମ୍ମାନ-୨୦୨୬ ଏବଂ ନେସନ ବିଲଡର ଆୱାର୍ଡ-୨୦୨୬ ପାଇ ବୌଦ୍ଧ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ଓ କବି ପ୍ରସନ୍ନ ପାଟ୍ଟଶାଣୀ ଉପସ୍ଥିତ ରହି ଶ୍ରୀ ଦୀପଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

# ଇତିହାସ ପୃଷ୍ଠାରେ ରହିଯିବ ଦୁଇ ମନୋରମ ପର୍ଯ୍ୟଟନ କ୍ଷେତ୍ର, ଶିଳ୍ପାୟନରେ ହଜିଯିବ ଉଲ୍ଲାପଗଡ଼, ବିକ୍ରମଖୋଲ

**ବେଲପାହାଡ଼, ନ୍ୟୁଜ୍ ବ୍ୟୁରୋ**

ମାଡ଼ି ଚାଲିଛି ଦ୍ରୁତ ଶିଳ୍ପାୟନ। ପଡ଼ୋଶୀ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ତହସିଲ ଅଞ୍ଚଳରେ କୋଇଲା ଖନନ ଜନିତ ଜଙ୍ଗଲ ଧ୍ୱଂସ ପରେ ବେଲପାହାଡ଼ ପାର୍ଶ୍ୱବର୍ତ୍ତୀ ଇଲାକା ବି ଉଜୁଡ଼ିବାର ସଂକେତ ଦେଲାଣି। ଏପରିସ୍ଥିତିରେ ଇତିହାସ ପୃଷ୍ଠାରେ ଅଞ୍ଚଳର ଦୁଇ ମନୋରମ ପର୍ଯ୍ୟଟନ କ୍ଷେତ୍ର ଉଲ୍ଲାପଗଡ଼ ଓ ବିକ୍ରମଖୋଲ ରହିଯିବ ବୋଲି ପରିବେଶ ବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଉଲ୍ଲାପଗଡ଼ ଓ ବିକ୍ରମଖୋଲ ଅଞ୍ଚଳ ପ୍ରକୃତିର ଏକ ଅମୂଲ୍ୟ ଉପହାର। ଘନ ଜଙ୍ଗଲ, ପାହାଡ଼, ଝରଣା, ବନ୍ୟପ୍ରାଣୀ ଓ ଐତିହାସିକ ମହତ୍ତ୍ୱ ପାଇଁ ଏହି ଅଞ୍ଚଳ ବର୍ଷ ବର୍ଷ ଧରି ପରିଚିତ। ଦ୍ରୁତଶିଳ୍ପାୟନ ଯୋଗୁ ବର୍ତ୍ତମାନ ଏକ ବଡ଼ ପ୍ରଶ୍ନ ସାମ୍ନାକୁ ଆସିଛି, ଆଗାମୀ ପିଢ଼ି କ'ଣ ଏହି ସବୁଜ ଐତିହ୍ୟକୁ ଦେଖିପାରିବ? ଔଦ୍ୟୋଗିକ ବିକାଶ ଓ କୋଇଲା ଖଣି ସମ୍ପ୍ରସାରଣର ବଢୁଥିବା ଚାପ ମଧ୍ୟରେ ଏହି ଜଙ୍ଗଲ ଅଞ୍ଚଳର ଭବିଷ୍ୟତକୁ ନେଇ ପରିବେଶବିତ୍, ପ୍ରକୃତିପ୍ରେମୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ପ୍ରକୃତିର ଏକ ସମୃଦ୍ଧ ଭଣ୍ଡାର ଉଲ୍ଲାପଗଡ଼ ଓ ବିକ୍ରମଖୋଲ କେବଳ ଜଙ୍ଗଲ ନୁହେଁ। ଏହା ହେଉଛି ଜୈବ ବିବିଧତାର ଏକ ସମୃଦ୍ଧ ଭଣ୍ଡାର। ଏଠାରେ ବିଭିନ୍ନ ପ୍ରଜାତିର ଗଛ, ଔଷଧୀୟ ଉଦ୍ଭିଦ, ପକ୍ଷୀ ଓ ବନ୍ୟପ୍ରାଣୀ ବସବାସ କରନ୍ତି। ବର୍ଷା ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବଜାୟ ରଖିବା, ବାୟୁକୁ ବିଶୁଦ୍ଧ କରିବା ଏବଂ ସ୍ଥାନୀୟ ଜଳବାୟୁକୁ ସନ୍ତୁଳିତ ରଖିବାରେ ଏହି ଜଙ୍ଗଲର ଭୂମିକା ଅପରିସୀମ।

ସ୍ଥାନୀୟ ଲୋକଙ୍କ ଜୀବନ ଓ ସଂସ୍କୃତି ମଧ୍ୟ ଏହି ଜଙ୍ଗଲ ସହ ଓତଃପ୍ରୋତ ଭାବେ ଜଡ଼ିତ। ବର୍ଷ ବର୍ଷ ଧରି ଏହି ଅଞ୍ଚଳ ପ୍ରକୃତି ଓ ମଣିଷ ମଧ୍ୟରେ ସହାବସ୍ଥାନର ଏକ ଉତ୍କୃଷ୍ଟ ଉଦାହରଣ ହୋଇରହିଛି। ବିକ୍ରମଖୋଲ କେବଳ ପ୍ରାକୃତିକ ନୁହେଁ, ଐତିହାସିକ ଦୃଷ୍ଟିରୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏଠାରେ ଥିବା ପ୍ରାଚୀନ ଶିଳାଲିପି ଓ ପ୍ରତ୍ନତାତ୍ତ୍ୱିକ ନିଦର୍ଶନ ଗବେଷକମାନଙ୍କୁ ବହୁ ବର୍ଷ ଧରି ଆକର୍ଷିତ କରିଆସୁଛି। ଇତିହାସ, ପ୍ରକୃତି ଓ ସଂସ୍କୃତିର ଏହି ଅନନ୍ୟ ସମନ୍ୱୟ ଓଡ଼ିଶାର ଐତିହ୍ୟକୁ ଆହୁରି ସମୃଦ୍ଧ କରିଛି। ଝାରସୁଗୁଡ଼ା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ କୋଇଲା ଖଣି ଏବଂ ଶିଳ୍ପାୟନ ପାଇଁ ପରିଚିତ। ଏହି ବିକାଶ ରାଜ୍ୟର ଅର୍ଥନୀତିକୁ ଶକ୍ତିଶାଳୀ କରିଥିବା ବେଳେ ପରିବେଶ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି।

ପରିବେଶବିତ୍‌ମାନଙ୍କ ଆଶଙ୍କା ଯେ ଭବିଷ୍ୟତରେ ଯଦି ନୂତନ ଖଣି ପ୍ରକଳ୍ପ କିମ୍ବା ଶିଳ୍ପ ସମ୍ପ୍ରସାରଣ ଏହି ଅଞ୍ଚଳ ଆଡ଼କୁ ବଢ଼େ, ତେବେ ହଜାର ହଜାର ଗଛ କଟାଯାଇପାରେ। ଏହାର ପ୍ରଭାବରେ ବନ୍ୟପ୍ରାଣୀଙ୍କ ବାସସ୍ଥାନ ନଷ୍ଟ ହେବା ସହିତ ଜଳସ୍ରୋତ ଏବଂ ସ୍ଥାନୀୟ ପରିବେଶ ଉପରେ ଗଭୀର ପ୍ରଭାବ ପଡ଼ିପାରେ। ବିଶ୍ୱ ଆଜି ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ସହ ସଂଘର୍ଷ କରୁଛି। ତାପମାତ୍ରା ବୃଦ୍ଧି, ଅନିୟମିତ ବର୍ଷା, ଖରା ଓ ବନ୍ୟା ଭଳି ସମସ୍ୟା ଦିନକୁ ଦିନ ବଢୁଛି। ଏପରି ସମୟରେ ଜଙ୍ଗଲ ହେଉଛି ପ୍ରକୃତିର ସବୁଠାରୁ ବଡ଼ ସୁରକ୍ଷା କବଚ। ତେଣୁ ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନର ଆବଶ୍ୟକତା ରହିଛି।

ରୋଜଗାର, ଶିଳ୍ପ ଓ ଭିତ୍ତିଭୂମିର ଉନ୍ନତି ଏକ ରାଜ୍ୟର ପ୍ରଗତି ପାଇଁ ଜରୁରୀ। କିନ୍ତୁ ସେହି ବିକାଶ ଯଦି ପ୍ରକୃତିର ମୂଲ୍ୟରେ ହୁଏ, ତେବେ ତାହାର ଦୀର୍ଘମିଆଦି ପ୍ରଭାବ ସମାଜ ପାଇଁ କ୍ଷତିକାରକ ହୋଇପାରେ। ଯେକୌଣସି ପ୍ରକଳ୍ପ ପୂର୍ବରୁ ପରିବେଶ ପ୍ରଭାବ ଆକଳନକୁ ଗୁରୁତ୍ୱ ଦେବା, ସଂରକ୍ଷଣ କ୍ଷେତ୍ର ଚିହ୍ନଟ କରିବା ଏବଂ ସ୍ଥାନୀୟ ଲୋକଙ୍କ ମତାମତକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଉଲ୍ଲାପଗଡ଼ ଓ ବିକ୍ରମଖୋଲ ଭଳି ଅଞ୍ଚଳ କେବଳ ଝାରସୁଗୁଡ଼ାର ନୁହେଁ, ସମଗ୍ର ଓଡ଼ିଶାର ଗର୍ବ। ମାତ୍ର ବିକାଶ ଯଜ୍ଞରେ ଏହି ଜୈବ ବିବିଧତାର ଭଣ୍ଡାରର ଆହୁତି ଭବିଷ୍ୟତ ପିଢି ପାଇଁ କେତେ ଯେ ବିଧ୍ୱଂସକରକ ହେବ ତାହା ଅବର୍ଣ୍ଣନୀୟ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ଜୁନ୍ ୨୦୨୬ ସୋମବାର





# ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ, ଓଡ଼ିଶାର ଆମ୍ବ ପାଇଁ ସ୍ୱତନ୍ତ୍ର ବ୍ରାଣ୍ଡିଂ ଆବଶ୍ୟକ: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ଉଦ୍ୟାନକୃଷି ପରୀକ୍ଷଣ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର - ଆଇଆଇଏଚ୍ଆର ବେଙ୍ଗାଲୁରୁ ଓ ଓଡ଼ିଶା ସରକାରଙ୍କ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ସମୃଦ୍ଧ ଆମ୍ବ ସମ୍ପଦ, ଜୈବ ବିବିଧତାର ସଂରକ୍ଷଣ, ସ୍ଥାୟୀ କୃଷିର ବିଭିନ୍ନ ପଦ୍ଧତି ପ୍ରଦର୍ଶନ କରାଯାଇଥିଲା। ଜଳବାୟୁ-ଉପଯୋଗୀ ଉଦ୍ୟାନକୃଷିର ପ୍ରସାର ଓ 'କ୍ଷେତ ବଞ୍ଚାଅ ଅଭିଯାନ' ଅଧୀନରେ ଚାଷଜମିର ସୁରକ୍ଷା ଓ ସଚେତନତା ପାଇଁ ଶତାଧିକ ଚାଷୀ, ବିଶେଷଜ୍ଞ ଓ ଆମ୍ବ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀଙ୍କ ଆୟ ବୃଦ୍ଧି କରିବା ଓ କୃଷି ରପ୍ତାନିକୁ ବଢ଼ାଇବା ପାଇଁ ଓଡ଼ିଶା ଆମ୍ବର ଏକ ସ୍ୱତନ୍ତ୍ର 'ବ୍ରାଣ୍ଡିଂ' ବା ପରିଚୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହା ସହିତ କୃଷି ଉତ୍ପାଦନ ବଢ଼ାଇବା ପାଇଁ ସେ ଫସଲ ବିବିଧୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ପାରମ୍ପରିକ ଚାଷ ପଦ୍ଧତିରୁ ବାହାରି ଚାଷୀମାନେ ଡାଲି ଜାତୀୟ ଫସଲ, ତୈଳବୀଜ ଓ ଔଷଧୀୟ ଗୁଣଯୁକ୍ତ ଡ୍ରାଗନ୍ ଫ୍ରୁଟ୍ ଭଳି ଫଳଚାଷ କରିବାକୁ ଆହ୍ୱାନ ଦେଇ ଏଭଳି ଏକ କାର୍ଯ୍ୟକ୍ରମ ପାଇଁ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ବିଧାୟକ ସିଦ୍ଧାନ୍ତ ମହାପାତ୍ର ପରିବେଶର ସୁରକ୍ଷା ସହିତ କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିସନର-ତଥା-ଶାସନ ସଚିବ ସଚିନ ଯାଦବ, ଓଡ଼ିଶାରେ ୨.୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଆମ୍ବ ଚାଷ ହେଉଥିବା କହିଥିବା ବେଳେ ଆଇସିଏଆର-ଆଇଆଇଏଚ୍ଆରର ନିର୍ଦ୍ଦେଶକ ପ୍ରଫେସର ତୁଷାରକାନ୍ତି ବେହେରା ଅଧିକ ଅମଳକ୍ଷମ କିସମର ଫଳ ବିଷୟରେ ଆଲୋଚନା କରିଥିଲେ। କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଏଥିରେ ଯୋଗଦେଇଥିଲେ। ବୈଜ୍ଞାନିକ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉଦ୍ୟାନକୃଷି ଅତିରିକ୍ତ ନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ପାରମ୍ପରିକ ଆମ୍ବ ସହିତ ୬୦ରୁ ଅଧିକ କିସମର ଆମ୍ବ ପ୍ରଦର୍ଶିତ ହୋଇଥିଲା।

# ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ନାକଟିସିମଡା ଓ କୁସୁମପୁର ସୀମା ନିର୍ଦ୍ଧାରଣ

**ରାଇଘର, ନ୍ୟୁଜ ବ୍ୟୁରୋ**

ରାଇଘର ବ୍ଲକ ଅନ୍ତର୍ଗତ କୁସୁମପୁର ଓ ନାକଟିସିମଡା ଗ୍ରାମ ମଧ୍ୟରେ ଜଙ୍ଗଲ ସୀମାକୁ ନେଇ ଦୀର୍ଘ ଦଶ ବର୍ଷ ଧରି ଲାଗି ରହିଥିବା ବିବାଦ ଓ ମତଭେଦ ଲାଗି ରହିଥିଲା। ଉଭୟ ପକ୍ଷ ନିଜ ନିଜ ଦାବିକୁ ନେଇ ଅଡ଼ି ବସିଥିବା ବେଳେ ସ୍ଥାନୀୟ ସ୍ତରରେ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରିନଥିଲା। ଫଳରେ ବିବାଦ ଦିନକୁ ଦିନ ଜଟିଳ ହେବାରୁ ଏହାର ସମାଧାନ ପାଇଁ ସମ୍ପୃକ୍ତ ପକ୍ଷ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ପରେ ହାଇକୋର୍ଟ ପ୍ରକୃତ ସ୍ଥିତିର ଅନୁଧ୍ୟାନ କରି ଜଙ୍ଗଲ ସୀମାର ସଠିକ୍ ନିର୍ଦ୍ଧାରଣ ପାଇଁ ବନ ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାର ସହକାରୀ ବନ



ସଂରକ୍ଷକ ସୁବାଷ ଚନ୍ଦ୍ର ଖୁଣ୍ଟିଆ, ରାଇଘର ଅତିରିକ୍ତ ତହସିଲଦାର ମୌସୁମୀ ସଜ୍ଜନ, ବନ ଅଧିକାରୀ ମହମ୍ମଦ ଅବଦୁଲ ସମ୍ଦ, ଭୁନେସ ପୂଜାରୀ, ପ୍ରଦୀପ କୁମାର ଦାସ, ଲକ୍ଷ୍ମୀରାମ ମାଝୀ, ଭବାନୀ ଶଙ୍କର ବିଶୋଇ ଓ ଜିଲ୍ଲା ଛଅ ଗୋଟି ରେଞ୍ଜର ଏହି ବିବାଦୀୟ ଅଞ୍ଚଳରେ ସୀମା ନିର୍ଦ୍ଧାରଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ସୀମା ଚିହ୍ନଟ, ପୁରାତନ ରେକର୍ଡ ଯାଞ୍ଚ, ମାନଚିତ୍ର ଅନୁଧ୍ୟାନ ଓ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ।

ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସମୟରେ ଆଧୁନିକ ପ୍ରଯୁକ୍ତି ଏବଂ ସରକାରୀ ରେକର୍ଡର ସହାୟତା ନିଆଯାଇଥିବା ଜଣାପଡ଼ିଛି। ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ବିବାଦର ସମାଧାନ ଦିଗରେ ଆଜିର ପଦକ୍ଷେପକୁ ଏକ ଐତିହାସିକ ପଦକ୍ଷେପ ଭାବେ ଦେଖାଯାଉଛି।

ଏସଏଫ୍ (ସେକ୍ସନ ଫରେଷ୍ଟର)ଙ୍କ ସୂଚନା ଅନୁଯାୟୀ, ଏହି ପ୍ରକାରର ଜଙ୍ଗଲ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଓଡ଼ିଶାରେ ପ୍ରଥମ ଥର ପାଇଁ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବନ ବିଭାଗ ପକ୍ଷରୁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟ ପରବର୍ତ୍ତୀ ସମୟରେ ହାଇକୋର୍ଟରେ ଦାଖଲ କରାଯିବ ବୋଲି ସେ କହିଛନ୍ତି। ଦୀର୍ଘ ଦଶ ବର୍ଷ ଧରି ଚାଲିଆସୁଥିବା କୁସୁମପୁର ଓ ନାକଟିସିମଡା ମଧ୍ୟର ଜଙ୍ଗଲ ସୀମା ବିବାଦର ଏହି ସମାଧାନ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ତୋଷ ପ୍ରକାଶ ପାଇଛି। ଏହା ଦ୍ୱାରା ଭବିଷ୍ୟତରେ ଆଉ କୌଣସି ବିବାଦ ସୃଷ୍ଟି ହେବ ନାହିଁ ଏବଂ ଉଭୟ ଗ୍ରାମ ମଧ୍ୟରେ ସଦ୍ଭାବ ଓ ଶାନ୍ତି ବଜାୟ ରହିବ ବୋଲି ସ୍ଥାନୀୟ ଲୋକେ ଆଶା ବ୍ୟକ୍ତ କରିଛନ୍ତି।

# ବିଶ୍ୱ ପରିବେଶ ଦିବସ ଅବସରରେ 'ପ୍ରକୃତି ମିତ୍ର' ସମ୍ମାନରେ ସମ୍ମାନିତ ହେଲେ ପ୍ରଧାନ ଶିକ୍ଷକ

**ରମ୍ଭା, ନ୍ୟୁଜ ବ୍ୟୁରୋ**



ବିଶ୍ୱ ପରିବେଶ ଦିବସ ଅବସରରେ ଡ଼ଃ ଏ. ପି. ଜେ ଅବଦୁଲ କଲାମ ଜନ କଲ୍ୟାଣ ଚାରି ଟେବୁଲ ଟ୍ରଷ୍ଟ ଖଲ୍ଲିକୋଟର ସଦସ୍ୟ ତଥା ବିରୁଳିଗଡ଼ର ପ୍ରଧାନ ଶିକ୍ଷକ ମହାଦେବ ମଲ୍ଲିକଙ୍କୁ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ କ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନକୁ ସ୍ୱୀକୃତି ଦେଇ ଏଇ ସମ୍ମାନ ପ୍ରଦାନ କରାଯାଇଛି। କେବଳ ବୃକ୍ଷ ରୋପଣ, ପୁଷ୍ପ ନୁହେଁ ବରଂ ସେଗୁଡିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ମଧ୍ୟ ସେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ଏଇ ସମ୍ମାନ ଉତ୍ସବରେ ଉତ୍ତରାଞ୍ଚଳ ଡି.ଏଫ୍.ଓ ହିମାଂଶୁ ଶେଖର ମହନ୍ତ, ବ୍ରହ୍ମପୁର ଡି. ଏଫ୍. ଓ ସୋନି ଖୋକର, ବିଜେପି ଜିଲ୍ଲା ସଭାପତି ସରଜ ସାବତଙ୍କ ଉପସ୍ଥିତି ରେ ପ୍ରଧାନ ଶିକ୍ଷକ ମହାଦେବ ମଲ୍ଲିକଙ୍କୁ ଏକ ମାନପତ୍ର ସହ ନଗଦ କୋଡିଏ ହଜାର ଟଙ୍କା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନ ପାଇବା ପରେ ବିଭିନ୍ନ ମହଲରୁ ତଥା ଏ.ପି.ଜେ ଅବଦୁଲ କଲାମ ଜନ କଲ୍ୟାଣ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା, ପଞ୍ଚାନନ ସୁର(ସମ୍ପାଦକ), ଯୋଶନା ରାଣୀ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ (ଟ୍ରଷ୍ଟି), ତପନ ଜ୍ୟୋତି ପଣ୍ଡା, ସୁଶାନ୍ତ କୁମାର ଗୌଡ଼, ଦ୍ୱାରିକାନାଥ ମହାରଣା, ଆଶାରାଣୀ ପଣ୍ଡା, ଲକ୍ଷ୍ମୀ ଦାସ, ସୁପ୍ରଭା ରଥ, ବିଦ୍ୟୁତ ପ୍ରଭା ଦାସ, ପ୍ରଭାତୀ କୁମାରୀ ଦାସ ସହିତ କୋଣ ଅନୁକୋଣରୁ ଶୁଭେଚ୍ଛା ଓ ଅଭିନନ୍ଦନ ସୁଅ ଛୁଟିବାରେ ଲାଗିଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟର ସମୀକ୍ଷା କଲେ ଅତିରିକ୍ତ ଜିଲ୍ଲାପାଳ

**କଟକ, ନ୍ୟୁଜ ବ୍ୟୁରୋ**

ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର - ୨୦୨୬) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ ଦାସ କିଶନନଗର ଅଞ୍ଚଳ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର ମାନଙ୍କ ସହ ଚାଲିଥିବା ଗଣନା ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରଥମଥର ପାଇଁ ଏହି ଜନଗଣନା ଡିଜିଟିକରଣ ମାଧ୍ୟମରେ କରାଯାଉଛି ସେଥି ନିମନ୍ତେ ସତର୍କତା, ଦାୟିତ୍ୱବୋଧ ଓ ସମୟନିଷ୍ଠତା ସହ କାର୍ଯ୍ୟ କରିବାକୁ ବିଏଲଓମାନଙ୍କୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଘରକୁ ଘର ଯାଇ



କରାଯାଉଥିବା ତଥ୍ୟ ସଂଗ୍ରହ, ମତଦାତାଙ୍କ ବିବରଣୀ ଯାଞ୍ଚ ଏବଂ ଏନୁମେରେସନ୍ ଫର୍ମ ପୂରଣ କାର୍ଯ୍ୟର ତଦାରଖ କରିଛନ୍ତି। ବୁଥ୍ ନଂ ୧୪୯, ୧୫୦, ୧୫୧(୧), ୧୫୨, ୧୫୩, ୧୫୪, ୧୫୫, ୧୫୬, ୧୫୭ଅନ୍ତର୍ଗତ ରାମ କୁମାର ପୁର, ସୋମପୁର, ଥୋରିଆପଡା, ତେଲଡିଆ, ତରିଲୋ, ଅରିଲୋ ଆଦି ଅଞ୍ଚଳକୁ ଯାଇ ତଦାରଖ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର)-୨୦୨୬ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ମତଦାତା ଅଂଶଗ୍ରହଣ କରନ୍ତୁ ଏହି ଉଦ୍ଦେଶ୍ୟ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଉପଜିଲ୍ଲାପାଳ ତଥା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏହି ସଚେତନତା ପଦଯାତ୍ରାକୁ ଉଦ୍ଘାଟନ କରି ନାଗରିକମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବା ସହ ବିଏଲଓମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରି ଏକ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ହାଇକୋର୍ଟ ଗଡ଼ା, ନିମଚୌରୀ ଆଦି ଅଞ୍ଚଳ ପରିକ୍ରମା କରିଥିଲା। ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏସ.ଆଇ.ଆର କାର୍ଯ୍ୟକ୍ରମର ଗୁରୁତ୍ୱ ଏବଂ ମତଦାତା ତାଲିକାରେ ସଠିକ୍ ତଥ୍ୟ ଅନ୍ତର୍ଭୁକ୍ତିର ଆବଶ୍ୟକତା ସମ୍ପର୍କରେ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏଥି ସହ ଜୁନ ୨ ତାରିଖରେ ଶୁଭାରମ୍ଭ କରାଯାଇଥିବା ସଚେତନତା ରଥ ବାରବାଟୀର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ମତଦାତା ମାନଙ୍କୁ ଏସ.ଆଇ.ଆରର ଗୁରୁତ୍ୱ ସମ୍ପର୍କରେ ସଚେତନ କରୁଛି।

# ମାଙ୍କଡ କାମୁଡାରେ ୫୦ରୁ ଉର୍ଦ୍ଧ୍ୱ ଆହତ : ଗ୍ରାମବାସୀ ଆତଙ୍କିତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଂଚାୟତର ଏଣ୍ଡର ଗ୍ରାମରେ ଦୀର୍ଘ ମାସେ ହେଲା ଏକ ମାଙ୍କଡ ଗ୍ରାମବାସୀଙ୍କୁ ଆକ୍ରମଣ କରି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆହତ କରିସାରିଛି। ମାଙ୍କଡଆତଙ୍କରେ ବୃଦ୍ଧ ଓ ବୃଦ୍ଧା, ମହିଳା, ଶିଶୁ ଓ ସ୍କୁଲ୍ ଛାତ୍ରଛାତ୍ରୀମାନେ ଭୟରେ ଯାତାୟତ କରିପାରୁନାହାଁନ୍ତି। ଗତ ସପ୍ତାହକ ମଧ୍ୟରେ ପ୍ରାୟ ୫୦ଜଣଙ୍କୁ ଆହତ କରି ଏମାନେ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଓ କଟକ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଥିବା ଜଣାପଡିଛି। ଏଣ୍ଡର ଗ୍ରାମର ସବିତା ମଳିକ ନାମକ ମହିଳା ଛାତ ଉପରେ ଛିଡା ହୋଇଥିବାବେଳେ ଏହି ମାଙ୍କଡ ଧକ୍କାରେ ତାଙ୍କର ଦୁଇଟିଯାକ ଗୋଡ ଭାଙ୍ଗି ଯାଇଥିବାବେଳେ ଭଗବତୀ ଜେନା, ଧୀରମଣି ଜେନା, ଅନ୍ନପୂର୍ଣ୍ଣା ଜେନା, ଦେବକୀ ଜେନା, ସରସ୍ୱତୀ ଲେଙ୍କା, ନବଘନ ବେହେରା, ରାମଚନ୍ଦ୍ର ଜେନା, ରଶ୍ମିତା ବେହେରା, ଶୁଭ ଜେନା, ଦୀନେଶ ବେହେରା, ବବୁଲ ମଳିକ, ଅବିନାଶ ମଳିକ ପ୍ରମୁଖ ଆକ୍ରମଣର ଶିକାର ହୋଇଛନ୍ତି। ଏ ବିଷୟରେ ରାଜ୍ୟ ସରପଂଚ ସଂଘର ସଭାପତି ତଥା ପୂର୍ବତନ ସରପଞ୍ଚ ପଦ୍ମିନୀ କୁମାର ଜେନାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲ୍ଲା ଜଙ୍ଗଲ ଅଧିକାରୀଙ୍କୁ ଭେଟି ଏହି ମାଙ୍କଡକୁ ଧରିବା ପାଇଁ ଦାବି କରିଛନ୍ତି।





# ବଢୁଛି ଇଭି ଚାହିଦା, ହେଲେ ନାହିଁ ଭିତ୍ତିଭୂମି : ହନ୍ତସନ୍ତ ଲୋକେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଯୋଗୁ ଏବେ ସାରା ବିଶ୍ୱରେ ତୈଳ ସଂକଟ ଦେଖାଯିବା ସହ ତୈଳ ଯୋଗାଣ ମଧ୍ୟ ତୀବ୍ର ଭାବରେ ପ୍ରଭାବିତ ହୋଇଛି। ଦେଶରେ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ମଧ୍ୟ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ସ୍ଥିତିରେ ରାଜ୍ୟରେ ଇ-ଯାନ ଚାହିଦା ବଢ଼ିବାରେ ଲାଗିଛି। ଗତ ଡିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟରେ ୨.୧୯ ଲକ୍ଷରୁ ଅଧିକ ଇଭି ପଞ୍ଜୀକରଣ ହୋଇଥିବା ବେଳେ ସରକାରଙ୍କ ପରିବହନ ପୋର୍ଟାଲର ତଥ୍ୟ ଅନୁସାରେ ଚଳିତ ବର୍ଷ ମେ ମାସ ସୁଦ୍ଧା ପଞ୍ଜୀକରଣ ସଂଖ୍ୟା ୫୦ ହଜାରରୁ ଉର୍ଦ୍ଧ୍ୱ ଛୁଇଁଲାଣି। ତନ୍ମଧ୍ୟରୁ ପାଖାପାଖି ୩୯ ହଜାର ଦୁଇଚକିଆ ଯାନ ପଞ୍ଜୀକରଣ ହୋଇଛି। ସେହିପରି ରାଜଧାନୀରେ ପାଖାପାଖି ୧୩ ହଜାର ଗାଡ଼ି ପଞ୍ଜୀକୃତ ହୋଇଛି। ଗୋଟିଏ ପଟେ ଇଭି ବା ବିଦ୍ୟୁତ୍ ଯାନ ବ୍ୟବହାର ନେଇ ସରକାର ତତ୍ପରତା ଦେଖାଉଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ହୋଇପାରିନାହିଁ।

ରାଜଧାନୀରେ ଇଭି ସଂଖ୍ୟା ବଢ଼ିଛି। ହେଲେ ସେହି ତୁଳନାରେ ଆବଶ୍ୟକ ଚାର୍ଜିଂ ପଏଣ୍ଟ ନାହିଁ। ସହରରେ ଶିଶୁଭବନ, ଫର୍ଚୁନ ଟ୍ୱାର, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବବିହାର, କଳିଙ୍ଗ ହସ୍ପିଟାଲ ଛକ, ଫରେଷ୍ଟ ପାର୍କ, ରୁପାଲି, ମାଷ୍ଟରକ୍ୟାଣ୍ଟିନ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ନନ୍ଦନକାନନ ଛକ, ଶିରିପୁର, ଗୋପବନ୍ଧୁନଗର, ଶିଖରଚଣ୍ଡୀ, ଓରେଡା କାର୍ଯ୍ୟାଳୟ, ଜନତା ମଇଦାନ, ପାଇକନଗର ଆଦି ୧୬ଟି ସ୍ଥାନରେ ଇଭି ଚାର୍ଜିଂ ପଏଣ୍ଟ ରହିଛି। ପ୍ରାୟ ମାସେ ହେଲାଣି ବାଣୀବିହାର ଛକରେ ଥିବା ଚାର୍ଜିଂ ପଏଣ୍ଟ ଉଠିଗଲାଣି। ସହରର ଲୋକସଂଖ୍ୟା ଦଶ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ



ପୁଣି ଗାଡ଼ିସଂଖ୍ୟା ବଢୁଥିବା ସମୟରେ ଏହା ସମୁଦ୍ରକୁ ଶଙ୍ଖେ ବୋଲି ବୋଧ ହେଉଛି। ନିକଟ ଅତୀତରେ ପରିବହନ ମନ୍ତ୍ରୀ ବିଭୂତି ଜେନା ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୧୦୦ଟି ଇଭି ଚାର୍ଜିଂ ଷ୍ଟେସନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୦ଟି ଚାର୍ଜିଂ ଷ୍ଟେସନ୍‌ର କାମ ସରିଛି। ସେହିପରି 'ପିଏମ୍ ଇ-ଡ୍ରାଇଭ' ଯୋଜନା ଅଧୀନରେ ଛଅଟି ସହରରେ ୧୯୦ଟି ଚାର୍ଜିଂ ସେଣ୍ଟର ହେବ ବୋଲି ସେ ଘୋଷଣା କହିଛନ୍ତି। ତେବେ ଏନେଇ 'ଏମ୍‌ଜି ସେଣ୍ଟ୍ରାଲ'ର ଜିଏମ୍ (ସେଲ୍ସ) ଦେବାଶିଷ ଦାସ କହିଛନ୍ତି ଯେ ଚଳିତ ବର୍ଷରୁ ଭୁବନେଶ୍ୱର ଓ କଟକରେ ବିଦ୍ୟୁତ୍ ଯାନର ଚାହିଦା ବଢ଼ିବାରେ ଲାଗିଛି। ମାର୍ଚ୍ଚ ମାସର ରିପୋର୍ଟ ଅନୁସାରେ ଗତବର୍ଷ ତୁଳନାରେ ଚଳିତ ବର୍ଷର ସଂଖ୍ୟା ଅଧିକ ରହିଛି। ହେଲେ ଯାନ ଅନୁସାରେ ଚାର୍ଜି ସେଣ୍ଟର ମଧ୍ୟ କରିବାର ଆବଶ୍ୟକତା ରହିଛି। ଯଦିଓ ମନ୍ତ୍ରୀ ଚାର୍ଜିଂ ସେଣ୍ଟର ହେବ ବୋଲି ଘୋଷଣା କରିଛନ୍ତି। ତେବେ ଏହା ଶୀଘ୍ର ହେବା ଆବଶ୍ୟକ।

# ଓସ୍ତପୁର ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ପାଳିତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଂଚାୟତରେ ବିଶ୍ୱ ପରିବେଶ ଦିବସ ସରପଂଚ ପ୍ରସନ୍ନ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ପାଳନ ହୋଇଯାଇଛି। ଏ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ପଂଚାୟତ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଂଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସାଥି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଯୋଗଦେଇ ଆଜିର ପରିବର୍ତ୍ତିତ ବିଶ୍ୱର ତାପମାତ୍ରା ଓ ତାପମାନର ଆସନ୍ତୁଳିତ ପରିସ୍ଥିତି ଓ ଜୀବନ ଜଗତ ଉପରେ ପଡୁଥିବା ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିବା ସହ ପରିବେଶର ସୁରକ୍ଷା ଏହାର ଏକମାତ୍ର ବିକଳ୍ପ ବୋଲି ସରପଞ୍ଚ ଶ୍ରୀ ରାଉତ ପ୍ରକାଶ କରିଥିଲେ। ନିଜ ନିଜ ଅଂଚଳରେ ପରିବେଶର ସୁରକ୍ଷା ଉଦ୍ୟମ କରିବାକୁ ପ୍ରଚେଷ୍ଟା କରିବା ଦରକାର ବୋଲି ପରାମର୍ଶ ଦେଇଥିଲେ।

# ନିର୍ମାଣାଧିନ ଉନ୍ନୟନ କାର୍ଯ୍ୟର ସ୍ଥିତି ସମୀକ୍ଷା କଲେ ନଗରପାଳ

**ବାରିପଦା, ନ୍ୟୁଜ ବ୍ୟୁରୋ**

ବାରିପଦା ସହର ରେ ପୌର ପାଳିକା ପକ୍ଷରୁ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଛି ତେବେ ସମୟ ମୁତାବକ କାର୍ଯ୍ୟ ଗୁଡିକ ସମାପ୍ତ କରି ଲୋକଙ୍କୁ ସେବାଯୋଗାଇ ଦେବା ନିମନ୍ତେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିୟମିତ ଭାବରେ ନିଜେ କାର୍ଯ୍ୟ ସ୍ଥଳ ଗୁଡିକର ପରିଦର୍ଶନ କରି ତୁରନ୍ତ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ନିର୍ମାଣକାରୀ ଏଜେନ୍ସି ମାନଙ୍କୁ ତାଗିଦ କରୁଥିବାର ଦେଖାଯାଇଛି। ଆଗକୁ ବର୍ଷାଦିନ ଆସୁଥିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଗୁଡିକ ଶେଷ ନହେଲେ ବହୁ କ୍ଷେତ୍ରରେ ସମସ୍ୟା ଦେଖାଦେବ, ଏହି ପରିପ୍ରେକ୍ଷୀରେ ଅପରାହ୍ନରେ ବାରିପଦା ସହରର ୱାର୍ଡ ନଂ ୧୯ ଠାରେ ଚାଲିଥିବା ଏକ ନିର୍ମାଣାଧିନ ଉନ୍ନୟନ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି। ତେବେ ନଗରପାଳ ସ୍ଥିତି ସମୀକ୍ଷା କରିବା ସହିତ କିଭଳି ଯଥାଶୀଘ୍ର କାର୍ଯ୍ୟ ସମ୍ପନ୍ନ ହେବ ସେନେଇ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ସହିତ ସ୍ଥାନୀୟ ଲୋକଙ୍କ ସହ କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନା କରିଥିବା ନେଇ ଜଣାପଡିଛି।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ଲଗ୍ନ ୨ ଶୁକ୍ର | ୧ ୨ ମ | ଶ ୧୧ ୧୦ ରା |
| ୩ ବୃ | ୨୪ / ୧୧ | ୯ |
| ୪ କେ ୫ | ୬ | ୮ ୭ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୮।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୨୦ ଚନ୍ଦ୍ରୋଦୟ- ରାଘ ୧୨।୧୧।୪୩**

ଅଷ୍ଟମୀ ରାଘ ୩।୨୭ ପର୍ଯ୍ୟନ୍ତ। ଶତଭିଷା ନକ୍ଷତ୍ର ଦିଘ ୯।୧୧ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ରାଘ ୩।୩୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର। ରାଘ ୩।୩୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର। ରାଘ ୩।୩୭ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନଡ଼ିଆ, ଆମିଷ ରାଘ ୩।୨୬ ଗତେ ଲାଉ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଦିଘ ୧୦।୮ ମଧ୍ୟେ।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ଆୟର ଯୋଗ ମଧ୍ୟ ରହିବ। ସତ୍ କର୍ମରେ ନିଜକୁ ନିୟୋଜିତ କରିବେ। ଯାତ୍ରାରେ ସଫଳତା ପ୍ରାପ୍ତ ହେବ। ବନ୍ଧୁଙ୍କ ସହଯୋଗ ଲାଭ ହେବ।



**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିପାରେ। ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ମହିଳାମାନେ ସୁଖୀ ହେବେ।



**ମିଥୁନ:** ଜଗିରଖି କାର୍ଯ୍ୟ କରିବେ। ନଚେତ୍ ବାଦବିବାଦର ସମ୍ମୁଖୀନ ହୋଇପାରନ୍ତି। ସତକଥା କହି ବିରୋଧୀ ହେବେ। ପରିବାରରେ ସୁଖ ହାନି ଘଟିପାରେ। ବ୍ୟୟର ପରିମାଣ ଅଧିକ ହେବ।



**କର୍କଟ:** ଶାରୀରିକ ପୀଡା ଦେଖାଦେବ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ହଠାତ୍ ଧନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ପ୍ରତ୍ୟେକ କାର୍ଯ୍ୟରେ ଚଞ୍ଚଳତା ଦେଖାଦେବ। ଗୃହେ ଶାନ୍ତି ଲାଭ।



**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାନିଧ୍ୟ ଲାଭ କରି ଉପକୃତ ହୋଇପାରନ୍ତି। ଧର୍ମ କାର୍ଯ୍ୟରେ ଯୋଗ ଦେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ପଢାପଢିରେ ଆଗେଇବେ। ଆୟ ଓ ବ୍ୟୟ ସମାନ ରହିବ।



**କନ୍ୟା:** ମନରେ ଅହଂଭାବ ଜାତ ହେବ। ଶତ୍ରୁ ପରାଜିତ ହେବେ। ଶୁଭ ଖବର ପାଇବେ। ସାଧନାରେ ସିଦ୍ଧି ଲାଭ କରିବେ। ପାରିବାରିକ ସୁଖ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।



**ତୁଳା:** ବାକ୍ୟରେ ସଂଯମତା ରକ୍ଷା ନକଲେ ବନ୍ଧୁ ମହଲରେ ଅପଦସ୍ତ ହୋଇପାରନ୍ତି। ଆୟ ଯୋଗ ରହିବ। ଠକମାନଙ୍କଠାରୁ ଦୂରେଇ ରୁହନ୍ତୁ। ସୁସମ୍ବାଦ ଲାଭ ହୋଇପାରେବ। ଗୃହେ ଶାନ୍ତି ଲାଭ।



**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ। ଶରୀର ସୁସ୍ଥ ରହିବ। ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ବ୍ୟବସାୟରେ ଲାଭବାନ ହେବେ। ଧନ ଲାଭ ହେବାର ସୂଚନା। ଘରେ ଆନନ୍ଦ ପ୍ରାପ୍ତି।



**ଧନୁ:** ସମସ୍ତ କର୍ମରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବେ। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ଦେବ ଦର୍ଶନର ସୁଯୋଗ ଜୁଟିପାରେ। ପାରିବାରିକ ଶାନ୍ତି ମିଳିବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।



**ମକର:** ପାରିବାରିକ ଜୀବନ ସୁଖମୟ ହେବ। ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ। ଆୟର ପରିମାଣ ସମାନ ରହିବ। ମଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦରେ ଦିନ କଟିବ।



**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ। ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଖୁସିର ବାତାବରଣ ରହିବ। କଚେରୀ ମାମଲାରେ ଶୁଣାଣୀ ବିଳମ୍ବ ହେବ।



**ମୀନ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ। ଦେବ ଦର୍ଶନ କରି ଦେବ ପୂଜାର ସୁଯୋଗ ଜୁଟିପାରେ। ଆୟର ପରିମାଣ ବଢିବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଭଲ ରହିବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୯।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୨୩ ଚନ୍ଦ୍ରୋଦୟ- ରାଘ ୧୨।୪୨।୨୧**

**ନବମୀ-ରାଘ** ୨।୩୭ ପର୍ଯ୍ୟନ୍ତ। ପୂର୍ବଭାଦ୍ର ନକ୍ଷତ୍ର ଦିଘ ୯।୪୧ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କନ୍ୟା, ତୁଳା, ମକର, ମୀନ ରାଶିର। **ଘାତଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ଲାଉ ରାଘ ୨।୩୭ ଗତେ କଳମଶାଗ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୫୫ ଗତେ ଦିଘ ୬।୫୦ ମଧ୍ୟେ ଦିଘ୯।୩୬ ଗତେ ଦିଘ ୧୨।୧୪ ମଧ୍ୟେ।

ସମ୍ପାଦକୀୟ

32 YEARS
ସମ୍ବାଦ କଳିକା

# ଆଣ୍ଡାମାନରେ ମିଳିଲା ପ୍ରାକୃତିକ ଗ୍ୟାସର ସନ୍ଧାନ

ସମୁଦ୍ର ମନ୍ଥନକୁ ବଡ଼ ସଫଳତା। ଆଣ୍ଡାମାନରେ ମିଳିଲା ପ୍ରାକୃତିକ ଗ୍ୟାସର ସନ୍ଧାନ। ହାଇଡ୍ରୋକାର୍ବନ୍ ହବ୍ ହେବ ଭାରତ। ଅଏଲ ଇଣ୍ଡିଆ ଲିମିଟେଡ୍ କମ୍ପାନୀ ସମୁଦ୍ର ଗର୍ଭରୁ ଏହି ପ୍ରାକୃତିକ ଗ୍ୟାସର ଭଣ୍ଡାରକୁ ଠାବ କରିଛି। ଏହି ସ୍ଥାନ ଆଣ୍ଡାମାନର ପୂର୍ବ ଉପକୂଳଠୁ ମାତ୍ର ୧୫କିଲୋମିଟର ଦୂରରେ ରହିଛି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ଏହି ଖୁସି ଖବର ଦେଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ଗ୍ୟାସ୍ ଏବଂ ତୈଳ ସଙ୍କଟ ସୃଷ୍ଟି ହୋଇଛି। ଏଲପିଜି ଦର ଆକାଶ ଛୁଆଁ ରହିଛି। ଏହି ତୈଳ ସଙ୍କଟ ମଧ୍ୟରେ ଏକ ଆଶ୍ୱସ୍ତିକର ଖବର ମିଳିଛି। ଆଣ୍ଡାମାନ ସାଗର ତଳେ ବିରାଟ ପ୍ରାକୃତିକ ଗ୍ୟାସର ଭଣ୍ଡାର ଠାବ ହୋଇଛି। ଏହି କୂଅଟି ଆଣ୍ଡାମାନ ଦ୍ୱୀପପୁଞ୍ଜର ପୂର୍ବ ଉପକୂଳରୁ ପ୍ରାୟ ୧୫ କିମି ଦୂର ବିଜୟପୁରମ-୩ରେ ଅବସ୍ଥିତ। ଆଇଓସିଏଲ ପକ୍ଷରୁ ଏଠାରେ ଖନନ ଆରମ୍ଭ ହୋଇଛି। ଏହି ପ୍ରାକୃତିକ ଗ୍ୟାସ୍କୁ ବ୍ୟବହାର କରି ପିଏନଜି, ସିଏନଜି ଏବଂ ଅନ୍ୟ ଅଶୋଧିତ ତୈଳ, ପେଟ୍ରୋ କେମିକାଲ୍ସ, ହାଇଡ୍ରୋଜେନ୍ ଆଦି ପ୍ରସ୍ତୁତ କରାଯାଇ ପାରିବ। ଏହି ଅଞ୍ଚଳରେ କମ୍ପାନୀର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ହାଇଡ୍ରୋକାର୍ବନ ଆବିଷ୍କାର। ପୂର୍ବରୁ ୨୦୨୫ ସେପ୍ଟେମ୍ବରରେ ବିଜୟପୁରମ-୨ରେ ପ୍ରାକୃତିକ ଗ୍ୟାସର ସନ୍ଧାନ ମିଳିଥିଲା । ଏବେ ନୂଆ ସ୍ଥାନରେ ହାଇଡ୍ରୋକାର୍ବନର ଉପସ୍ଥିତି ସକାରାତ୍ମକ ସଙ୍କେତ ଦେଉଛି। ବିଜୟପୁରମ-୩ରେ ୩୫୫ ମିଟର ଗଭୀରତାରେ ଖନନ କରାଯାଇଥିଲା। ପ୍ରାରମ୍ଭିକ ତଦନ୍ତରେ ୧୯୦୦ ମିଟରରୁ ଅଧିକ ଗଭୀରତାରେ ପ୍ରାକୃତିକ ଗ୍ୟାସର ସଙ୍କେତ ମିଳିଥିଲା। ପରେ ନିରନ୍ତର ଗ୍ୟାସ ନିର୍ଗମନ ହୋଇଥିଲା। ଯାହା ଏହାର ଉପସ୍ଥିତିକୁ ନିଶ୍ଚିତ କରିଥିଲା। ତେବେ ଆଗକୁ ଆଣ୍ଡାମାନରୁ ଆହୁରି ପ୍ରାକୃତିକ ଗ୍ୟାସର ଠିକଣା ମିଳିବ ବୋଲି ଆଇଓସିଏଲ୍ ଆଶାବାଦୀ ଅଛି। ତେବେ ଏହି ଗ୍ୟାସକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଉତ୍ପାଦନ କରିହେବ କି ନାହିଁ ତାହା ଏଯାଁଏ ସ୍ପଷ୍ଟ ହୋଇନି। ବିଭିନ୍ନ ଟେଷ୍ଟ ମାଧ୍ୟମରେ ଏହା ଜଣାପଡ଼ିବ। କମ୍ପାନୀ ଏବେ ସାମ୍ପଲ ନେଇ ଯାଞ୍ଚ କରୁଛି। ଏହାଦ୍ୱାରା ଗ୍ୟାସର ଗୁଣବତ୍ତା ଏବଂ ଉର୍ଜା କ୍ଷମତା ବିଷୟରେ ଜଣାପଡ଼ିବ। କେବଳ ସେତିକି ନୁହେଁ, ଏହି ପ୍ରାକୃତିକ ଗ୍ୟାସ୍ କେଉଁ ସ୍ରୋତରୁ ତିଆରି ହୋଇଛି ସେନେଇ ବୈଜ୍ଞାନିକ ଗବେଷଣା ଚଳାଇଛନ୍ତି।

# ଭାଷା ସୁରକ୍ଷା ଆନ୍ଦୋଳନ: ଫକୀରମୋହନଙ୍କ କୃତିତ୍ୱ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୦୩୯

ଫକୀରମୋହନ ସେନାପତି କାୟ-ମନୋ-ବାକ୍ୟରେ ଖାଣ୍ଟି ଓଡ଼ିଆ। ଓଡ଼ିଆ ଜାତି; ବିଶେଷକରି ଉତ୍କଳ ଭାଷା ସାହିତ୍ୟର ଉନ୍ନତି କଳ୍ପେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏ ଜାତି ନିକଟରେ ସେ ଚିର ସ୍ମରଣୀୟ। ଭାଷା ସଂକଟ ସମୟରେ ତାଙ୍କର ଲଢ଼ୁଆ ପଣକୁ ବର୍ଣ୍ଣନା କରିବା ପାଇଁ ଶବ୍ଦକୋଷର ଶବ୍ଦମାନେ ନିଅଣ୍ଟ ପଡ଼ିବ ନିଶ୍ଚୟ! ଫକୀର ମୋହନଙ୍କ ସାଙ୍ଗିଆ ସେନାପତି; ସତରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସେ ଥିଲେ ଛାମୁଆ ବାହିନୀର କର୍ଣ୍ଣଧାର; ଜଣେ ଯଥାର୍ଥ ସେନାପତି। ନ୍ୟସ୍ତସ୍ୱାର୍ଥ କୈନ୍ଦ୍ରିକ ପ୍ରତିପକ୍ଷ କେତେକ ବଙ୍ଗବାସୀଙ୍କ ପାଇଁ ସେ ହେଲେ "ବେଟା ରିଂ ଲିଡ଼ର"।

୧୮୬୬ ମସିହା, ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନ' ଅଙ୍କ। ଓଡ଼ିଶାରେ ଦେଖାଦେଲା ଭୟାବହ ଦୁର୍ଭିକ୍ଷ। ଲକ୍ଷ ଲକ୍ଷ ଲୋକ ପୋକ ମାଛି ପରି ମଲେ। ଓଡ଼ିଶାର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲା। ଏଭଳି ଏକ ଭୟାନକ ବିପଦରୁ ଓଡ଼ିଶାବାସୀ ରକ୍ଷା ପାଇବା ପାଇଁ ସଂଘର୍ଷ କରୁଥିବା ବେଳେ କେତେକ ବଂଗଦେଶବାସୀ ଉତ୍କଳ ଭାଷାର ବିଲୋପ ପାଇଁ ଆରମ୍ଭ କଲେ ହୀନ ଚକ୍ରାନ୍ତ। ସେତେବେଳକୁ ଫକୀରମୋହନ ୨୩ ବର୍ଷର ଯୁବକ। ଏହା ତାଙ୍କ ପ୍ରାଣକୁ ଆଘାତ ଦେଲା। ଓଡ଼ିଆ ଭାଷା ସୁରକ୍ଷା ପାଇଁ ଗୋଟେ ଛୋଟ କମିଟି ଗଠନ କରି ସେ ସଂଗ୍ରାମ ଚଳାଇଲେ। ଉତ୍କ୍ଷିପ୍ତ ହେଲେ ସେଇ ମନ୍ଦ ଉଦ୍ଦେଶ୍ୟଧାରୀ ବଂଗାଳୀ ବାବୁମାନେ। ଘୃଣାରେ ଫକୀର ମୋହନଙ୍କ ନାମ ଉଚ୍ଚାରଣ ନକରି ତାଙ୍କୁ ନୂଆ ନାଁରେ ଡାକିଲେ – "ବେଟା ରିଂ ଲିଡ଼ର"। ଏହା ପ୍ରଷ୍ଠାତରେ ଥିବା କାରଣଟିକୁ ସ୍ୱୟଂ ଫକୀରମୋହନ ଆପଣାର ଆତ୍ମଚରିତରେ ସୂଚାଇ ଦେଇଛନ୍ତି, "ସଭାସମିତିରେ ବକ୍ତୃତା, କର୍ମଚାରୀମାନଙ୍କୁ ବୁଝାବୁଝି, ସମ୍ବାଦ ବାହିକାରେ ପ୍ରସ୍ତାବ ଲେଖା, ବଙ୍ଗାଳୀ ମାନଙ୍କ ସହିତ ତୀବ୍ର ଭାବରେ ତର୍କ ବିତର୍କ କରିବା ଯୋଗୁ ମୁଁ ବଙ୍ଗାଳୀ ସମାଜର ପରମ ଶତ୍ରୁ ହୋଇପଡ଼ିଲି। ବଂଗାଳୀ ବାବୁମାନେ ଆତ୍ୟାନ୍ତିକ ଘୃଣା ଯୋଗୁ ମୋ ନାମ ଧରନ୍ତି ନାହିଁ। ମୋ ନାମ ଦେଇଥିଲେ 'ବେଟା ରିଂ ଲିଡ୍ର'।" ସାଧାରଣତଃ କଳିତକରାଳ, ଗଣ୍ଡଗୋଳ, ବେଆଇନ କାର୍ଯ୍ୟରେ ଲିପ୍ତରହି ବହୁ ବିପଦ ସୃଷ୍ଟି କରୁଥିବା ବ୍ୟକ୍ତି ବିଶେଷକଙ୍କୁ ଇଂରାଜୀରେ ରିଂ ଲିଡ଼ର କୁହାଯାଏ। ଭୀତକାତର ଶତ୍ରୁପକ୍ଷ ଯଦି ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତି ଏଭଳି ଅବଜ୍ଞା ସୂଚକ ଶବ୍ଦ ପ୍ରୟୋଗ କରନ୍ତି। ଅନୁରୂପ ଭାବେ ଓଡ଼ିଆ ଭାଷା ବିଦ୍ୱେଷୀମାନଙ୍କର ଏପରି ସମ୍ବୋଧନରେ ଫକୀର ମୋହନଙ୍କ ମହିମା ଶତସହସ୍ର ଗୁଣାଧିକ୍ୟ ହେଲା – ଏହା କହିବା ବାହୁଲ୍ୟ ମାତ୍ର।

ଜାତି ପ୍ରେମୀ ଫକୀରମୋହନ। ୧୮୬୩ ମସିହା ବେଳକୁ ସେ ୧୯/୨୦ ବର୍ଷର ଯୁବକ। ସେତେବେଳକୁ ଏକ ମହାନ ଐତିହ୍ୟ ସମ୍ପନ୍ନ ଉତ୍କଳ ଭାଷା ଆଡ଼କୁ ମୁହଁଇଥିଲା ଘୋର ସଙ୍କଟ। ସେ ସମୟରେ ଓଡ଼ିଶାର ସବୁ କର୍ମଚାରୀ ବଙ୍ଗାଳୀ। ସେମାନେ ଆପଣାର ମାତୃଭାଷାକୁ ଯେନତେନ ଉପାୟରେ ଓଡ଼ିଶାରେ ପ୍ରତିଷ୍ଠା କରିବା ସହିତ, ଓଡ଼ିଆ ଭାଷାକୁ ବିଲୁପ୍ତ କରି ଦେବାର ହୀନ ଚକ୍ରାନ୍ତରେ ଲିପ୍ତ ହେବାକୁ ପଶ୍ଚାତପଦ ହୋଇନଥିଲେ। ଏଥିପାଇଁ ଦିବାନିଶି ଫକୀରମୋହନ ଥିଲେ ଚିନ୍ତିତ; ଭାଷା ଉନ୍ନତିର ଉପାୟ କ'ଣ? ଯେକୌଣସି ପ୍ରକାରେ ହେଉ ମାତୃଭାଷାର ଉନ୍ନତି ସକାଶେ ପ୍ରାଣପାତ କରିବାକୁ ହେବ – ଏ କଥାଟି ତାଙ୍କୁ ଘାରିଥିଲା। ନିଜକୁ ବିଦ୍ୟାଶୂନ୍ୟ, ଶକ୍ତିହୀନ, ଦରିଦ୍ର ବୋଲି ବିବେଚନା କରିଥିଲେ ମଧ୍ୟ ଆପଣା ଉଦ୍ୟମରୁ ସେ ବିରତ ହୋଇନଥିଲେ; ଜାରି ରଖିଲେ ମହାସଂଗ୍ରାମ ଓଡ଼ିଆ ଭାଷାକୁ ସୁରକ୍ଷା ପ୍ରଦାନ କରିବା ପାଇଁ।

ଉତ୍କଳ ଭାଷା ପ୍ରତି ସୃଷ୍ଟି ହୋଇଥିବା ସଙ୍କଟର ଦୁଇଟି କାରଣକୁ ଫକୀରମୋହନ ହୃଦୟଙ୍ଗମ କରିଥିଲେ। ଗୋଟେ ପଟେ କେତେକ ବଙ୍ଗାଳୀଙ୍କ ହୀନଚକ୍ରାନ୍ତ, ଅପରପଟେ ସ୍ୱମାତୃଭାଷା ପ୍ରତି ଇଂରାଜୀ ପାଠୁଆ ବାବୁଭାୟାଙ୍କର ଅନାଦର। ଦ୍ୱିତୀୟଟିର ସୁଯୋଗ ନେଇ କୁଚକ୍ରୀମାନେ ଆପଣାର ଉଦ୍ଦେଶ୍ୟ ସାଧନ ନିମିତ୍ତ ଉତ୍ସାହୀ ହୋଇଯାଇଥିଲେ। ଏପରିକି ଉତ୍କଳ ଭାଷା ବିଷୟ ଉଲ୍ଲେଖ ସମୟରେ ବଙ୍ଗାଳୀବାବୁମାନେ ଯେପରି ତୁଚ୍ଛ ତାଚ୍ଛଲ୍ୟ ଭାବରେ ମନ୍ତବ୍ୟ ପ୍ରଦାନ କରିଥାନ୍ତି, ପ୍ରକୃତରେ ଆପଣାର ମାତାକୁ ଅପମାନ କଲାପରି ନିନ୍ଦାକାରୀମାନଙ୍କ ପ୍ରତି ବିଷମ କ୍ରୋଧ ଏବଂ ଆଘାତ ଲାଗେ ବୋଲି ଫକୀର ମୋହନ ଉଲ୍ଲେଖ କରିଛନ୍ତି। ସେ ସମୟରେ ଦେଶସ୍ଥ ଇଂରାଜୀ ଏବଂ ପାର୍ସୀ ପଢ଼ୁଆ ବାବୁମାନେ ଓଡ଼ିଆ ପୁସ୍ତକ ସ୍ପର୍ଶ କରିବା କିମ୍ବା ବିଶୁଦ୍ଧ ରୂପେ ଓଡ଼ିଆ କହିବା ଅପମାନ ବା କଥଞ୍ଚିତ (କେତେକ ପରିମାଣରେ) ପ୍ରତ୍ୟବାୟର (ପାପର / ବିପରୀତ ଆଚରଣର) ବିଷୟ ବୋଲି ଜ୍ଞାନ କରୁଥିଲେ। ଅମଲାମାନଙ୍କର କଥୋପକଥନ ମଧ୍ୟ ଅଧା ପାର୍ସୀ, ଅଧା ଓଡ଼ିଆ। ୧୮୩୬ ସାଲରେ ସରକାର ପାର୍ସୀ ସ୍ଥାନରେ ଦେଶୀୟ ଭାଷା ପ୍ରଚଳନ କଲେ; କିନ୍ତୁ ଦୀର୍ଘଦିନ ଧରି ପାର୍ସୀ ପଢ଼ି, ଲେଖି, କହିଆସୁଥିବା ବାବୁମାନେ ନିଜକୁ ଗର୍ବିତ ମନେ କରୁଥିଲେ। ଓଡ଼ିଆ ଭାଷା ଆୟତ୍ତରେ ଅକୃତକାର୍ଯ୍ୟ ଅବା ଇଚ୍ଛାକୃତ ଅବଜ୍ଞା ହେତୁ ବହୁ ସମୟ ପର୍ଯ୍ୟନ୍ତ କଚେରି ଭିତର ରେଜେଷ୍ଟରି ବହି ପାର୍ସୀରେ ଲେଖା ଚାଲିଥିଲା। ପିଲାଏ ମଧ୍ୟ ଓଡ଼ିଆ ପଢ଼ିବାକୁ ନାପସନ୍ଦ କରୁଥିଲେ। ସ୍କୁଲର ସବୁ ଶିକ୍ଷକ ବଙ୍ଗାଳୀ। ସଂସ୍କୃତ ପଢ଼ୁଆ ପଣ୍ଡିତେ ମଧ୍ୟ ଓଡ଼ିଆ ପଢ଼ାଇବାକୁ ଘୃଣା କରୁଥିଲେ। ଇଂରାଜୀ ସ୍କୁଲର ଛାତ୍ରମାନେ ଇଂରାଜୀ ମିଶା ବଙ୍ଗଳା କହିବାରେ ଅପାର ଆନନ୍ଦ ପାଉଥିଲେ। ସେଇ ସବୁ ସ୍କୁଲରୁ ଓଡ଼ିଆ ଏକପ୍ରକାର ବିଲୁପ୍ତପ୍ରାୟ ହୋଇଥିଲା। ଏଣେ ଅଭିଭାବକମାନେ ସରକାରୀ ଚାକିରି ମୋହରେ ପଡ଼ି ନିଜ ନିଜ ପିଲାଙ୍କୁ ଇଂରାଜୀ ପଢ଼ିବାକୁ ପ୍ରୋତ୍ସାହନ ଦେବା ସଙ୍ଗେସଙ୍ଗେ ଓଡ଼ିଆ ଶିକ୍ଷା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାରୁ ବିରତ ହୋଇଥିଲେ। ଜାତିର ଏ ପ୍ରକାର ଦୁର୍ଭାଗ୍ୟକୁ ଫକୀରମୋହନ ଉଲ୍ଲେଖ କରିଛନ୍ତି। ପିଲେ ଓଡ଼ିଆ ପୁସ୍ତକ କିଣିବାକୁ ଅଭିଭାବକଙ୍କୁ ପଇସା ମାଗିଲେ ଉତ୍ତର ପାଆନ୍ତି, "ତୁ ତ ଅବଧାନ ପାଖରେ ଓଡ଼ିଆ ପଢ଼ି ସାରିଛୁ, ଆଉ ଓଡ଼ିଆ କ'ଣ ହେବରେ? ଯା ଇଂରାଜୀ ପଢ଼ ଯା।" କିନ୍ତୁ ମଫସଲରେ ଓଡ଼ିଆ ଭାଷାର ଆଦର ଥିଲା। ଗାଁ ମାନଙ୍କରେ ଭାଗବତ ଟୁଙ୍ଗୀରେ ଭାଗବତ ଗାଦି ପ୍ରତିଷ୍ଠା ହୋଇଥିଲା, ପୂଜାପାଠ ସହିତ ନିତିପ୍ରତି ସେଠାରେ ଜଗନ୍ନାଥ ଦାସଙ୍କ ଭାଗବତ ପାଠ କରା ଯାଉଥିଲା। ସାଧାରଣ ଲୋକେ ଛାନ୍ଦ, ଚଉପଦୀକୁ ଢେର ଆଦର କରୁଥିଲେ। ଉତ୍କଳର ଗୋଟେ ଚିହ୍ନିତ ଗୀତାର୍ଥୀ ଦଳ ଗଡ଼ଜାତ ଭ୍ରମଣ କରି ରାଜାମାନଙ୍କୁ ଗୀତାର ଅର୍ଥ ବୁଝାଉଥିଲେ; ବେଶ୍ ଦି' ପଇସା ବି ରୋଜଗାର କରୁଥିଲେ। କିନ୍ତୁ ଗଦ୍ୟ ସାହିତ୍ୟ ପ୍ରତି ଆଦର ନଥିଲା। ଗଣ ରୁଚିଭିତ୍ତିକ ଗଦ୍ୟ ରଚନା ମଧ୍ୟ ନଥିଲା। ସମାଜ ଧର୍ମୀ ଗଦ୍ୟ ରଚନା କ୍ଷେତ୍ରରେ ଫକୀରମୋହନ ଥିଲେ ଅଗ୍ରଗଣ୍ୟ। ଏହା ସତ୍ତ୍ୱେ; ପଦ୍ୟ ସାହିତ୍ୟର ବିକାଶ, ପୁରାତନ ରସାଳ ରଚନାର ଟୀକା ସହ କିତାବମାନ ଛପାଇବାକୁ ସେ ମନସ୍ଥ କରିଥିଲେ। ସେ କିଛି ପାଠ୍ୟ ପୁସ୍ତକ ରଚନା କଲେ, ତାହା ନିମ୍ନଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ନିର୍ବାଚିତ ହୋଇଥିଲା।

ଦୂରଦୃଷ୍ଟି ସମ୍ପନ୍ନ ଫକୀରମୋହନ। ପୁସ୍ତକଟିଏ ଛାପା ଆକାରରେ ପ୍ରକାଶିତ ହେଲେ ଏହାର ବହୁଳ ପ୍ରସାର ହେବ – ଏ ପ୍ରକାର ଚିନ୍ତନ ତାଙ୍କୁ ପ୍ରେସ୍ କମ୍ପାନୀଟିଏ ସ୍ଥାପନ ପାଇଁ ଉତ୍ସାହ ଯୋଗାଇଥିଲା। ବାବୁ ଦାମୋଦର ପ୍ରସାଦ ଦାସ, ବାବୁ ଜୟକୃଷ୍ଣ ଚୌଧୁରୀ, ବାବୁ ଭୋଳାନାଥ ସାମନ୍ତରାୟ, ବାବୁ ରାଧାନାଥ ରାୟଙ୍କୁ ନେଇ ସେ ସଭାଟିଏ ଆୟୋଜନ କଲେ। ଛପାଖାନା ବାବଦରେ ସମସ୍ତେ ଅନଭିଜ୍ଞ। ତେଣେ ଅର୍ଥ, ଲୋକବଳର ଅଭାବ – ଏମିତି କେତେକ କାରଣ ଯୋଗୁ ପ୍ରେସ୍ ସ୍ଥାପନ ବିଳମ୍ବ ଘଟିଲା। ତଥାପି ଏଭଳି ଏକ ସ୍ୱପ୍ନକୁ ସାକାର କଲେ ଫକୀରମୋହନ। ବାଲେଶ୍ୱରର ବଡ଼ବଡ଼ ବାବୁ, ପାଠ ପଢ଼ୁଆମାନଙ୍କ ଦ୍ୱାରସ୍ଥ ହୋଇ ପ୍ରେସ୍ ସମ୍ପର୍କରେ ସୂଚନା ଦେବା ସହ ଅର୍ଥ ସଂଗ୍ରହ ତାଙ୍କର ମୂଳଲକ୍ଷ୍ୟ ଥିଲା। କିନ୍ତୁ ସେ ନିରାଶ ହେଲେ। ଏବେ ତାଙ୍କର ପଣ ପ୍ରତିଜ୍ଞା, "ପ୍ରେସ୍ ସ୍ଥାପନ ନଚେତ୍ ଜୀବନ ତ୍ୟାଗ।" ଏଭଳି କଠୋର ସାଧନା ପାଇଁ ମନୋବଳ ହାରି ନଥିବା କେତେ ଜଣ ଓଡ଼ିଆ ତାଙ୍କପରି ଥିଲେ ନା ଏବେ ଅଛନ୍ତି?

ଫକୀରମୋହନ ଆପଣାର ପରମବନ୍ଧୁ କିଶୋରୀ ମୋହନ ଦାସଙ୍କ ଠାରୁ ହାତ ଉଧାରି ଆଣିଲେ ଆଠଶହ ଟଙ୍କା। ଗୋଟିଏ ସୁପର୍ ରଏଲ ପ୍ରେସ୍ କଲିକତାରୁ ଅଣାହେଲା। ପ୍ରେସ୍ କମ୍ପାନୀ ଚାଲିଲା ପି.ଏମ୍. ସେନାପତି ଏଣ୍ଡ କୋ ଉତ୍କଳ ପ୍ରେସ୍ ନାମରେ। ତାଙ୍କ ବଡ଼ବାପାଙ୍କ ବାଲେଶ୍ୱର ମୋତିଗଞ୍ଜ ବଜାର ମଧ୍ୟଭାଗରେ ଥିବା ଘରଟିକୁ ଭଡ଼ାରେ ଆଣି ପ୍ରେସ୍ ସ୍ଥାପନ କରାଗଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଫକୀରମୋହନ ପୂର୍ବରୁ ମଦିନାପୁରଠାରେ ଥିବା ଗୋଟେ ପୁରୁଣା ଛାପାଖାନାକୁ ମିଶନାରୀମାନଙ୍କ ଠାରୁ କିଣିଥିଲେ; କିନ୍ତୁ ତାହା ଚାଲିଲାନି। ପ୍ରଥମ କରି ଛାପା କାର୍ଯ୍ୟ ଦେଖିବାକୁ ଆସି ନିରାଶ ହୋଇଥିବା ଶହଶହ ଲୋକଙ୍କ ଠାରୁ ଢେର କଟୁ ମନ୍ତବ୍ୟ ଶୁଣିବାର ତିକ୍ତ ଅନୁଭୂତିକୁ ସେ ସାରାଜୀବନ ଭୁଲିନଥିଲେ। ପ୍ରେସ୍ ସ୍ଥାପନରେ ସଫଳତା ତାଙ୍କୁ ପ୍ରଶଂସାର ପାତ୍ର କରିଥିଲା। ଏପରିକି ବିଗ୍ ନୋଡଲ୍, ବିମସ୍, ଟି. ରେଭେନ୍ସା ସାହେବ ବିଭିନ୍ନ ସମୟରେ ଏହି ପ୍ରେସ୍ ପରିଦର୍ଶନ କରି ଫକୀରମୋହନଙ୍କ ସଫଳତା ପାଇଁ ବଧାଇ ଜଣାଇଥିଲେ। ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି, ସୁରକ୍ଷା ତଥା ବହୁଳ ପ୍ରସାର ପ୍ରଚାର ଦିଗରେ ବାଲେଶ୍ୱରରେ ପ୍ରେସ୍ ସ୍ଥାପନ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା।

ବାଲେଶ୍ୱରରେ ଫକୀରମୋହନଙ୍କ ପ୍ରେସ୍ କମ୍ପାନୀ ସ୍ଥାପିତ ହେଲା ୧୮୬୮ ମସିହାରେ। ସେତେବେଳକୁ ଓଡ଼ିଆ ଭାଷା ପ୍ରତି ଘୋର ସଂକଟ ସୃଷ୍ଟି ହୋଇ ସାରିଥିଲା। ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତକାରୀଙ୍କ ନେତୃତ୍ୱ ନେଲେ ବଙ୍ଗବାସୀ ତଥା ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ସ୍କୁଲର ସଂସ୍କୃତ ସହିତ ଓଡ଼ିଆ ପଢ଼ାଇବାର ଦାୟିତ୍ୱ ନେଇଥିବା ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ। ଓଡ଼ିଆ ଭାଷା ବିଷୟରେ ଅନଭିଜ୍ଞ କାନ୍ତିଚନ୍ଦ୍ର 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନୟ" କହିଲେ। ଏହି ନାଁରେ ପୁସ୍ତିକାଟି ମଧ୍ୟ ଲେଖି ଛାପିଦେଲେ। ସ୍କୁଲର ସମସ୍ତ ଶିକ୍ଷକ ବଙ୍ଗାଳୀ। ହେଡ଼ମାଷ୍ଟର ଏହି ପୁସ୍ତିକାକୁ ବଙ୍ଗାଳୀ ଇନିସପେକ୍ଟର ଆର୍.ଏଲ୍. ମାର୍ଟିନଙ୍କ ନିକଟକୁ ପଠାଇଲେ। କୌଶଳ କ୍ରମେ ସ୍କୁଲମାନଙ୍କରୁ ଓଡ଼ିଆ ଉଠାଇବା ସହ ବଙ୍ଗଳା ପଢ଼ାଯିବାର ଆଦେଶନାମାଟିଏ ବି କରାଇନେଲେ। ତୀବ୍ର ରୂପ ନେଲା ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତ। ଅଣ୍ଟାଭିଡ଼ି ଆସିଲେ ଫକୀର ମୋହନଙ୍କ ପରି ଜାତିପ୍ରେମୀମାନେ। ପ୍ରକାଶ ଯୋଗ୍ୟ ଯେ ଉତ୍କଳ ଭାଷା ଉଠାଇ ଦେବା ସବୁ ବଙ୍ଗାଳୀ କର୍ମଚାରୀଙ୍କ ମତ ଥିଲା। ଏଥିପାଇଁ ସେମାନେ ପ୍ରାଣପଣେ ଲାଗି ପଡ଼ିଲେ। ଫକୀରମୋହନ ଥିଲେ ଦୃଢ଼ମନା। ସେ ଛୋଟ କମିଟିଟିଏ ଗଠନ କଲେ, ସେଇ କମିଟିର ସଦସ୍ୟମାନଙ୍କୁ ଧରି ଜନମତ ସୃଷ୍ଟି କରିଚାଲିଲେ। କେତେକ ଜମିଦାର, ପାଠୁଆଙ୍କୁ ଏକଜୁଟ କରିବାକୁ ଯାଇ ପାଇଲେ ନିରାଶାଜନକ ଉତ୍ତର, "ଆରେ ବାବୁ ଏଟା ହେଲା ସରକାରୀ ମାମଲା, ସରକାର ଯାହା ପଢ଼ାଇବେ ଆମ୍ଭମାନଙ୍କ ପିଲାମାନେ ସେୟା ପଢ଼ିବେ। ସରକାରୀ ହୁକୁମ ଉପରେ କଥା କହି କ'ଣ ବିପଦରେ ପଡ଼ିବୁଁ? ଜେଲ୍ ଜୋରିମାନା ଦେବୁଁ?" ଏଥିରେ ଭାଙ୍ଗି ପଡ଼ିନଥିଲେ ଫକୀରମୋହନ। ଏଣେ ଉତ୍କଳଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ ଉତ୍କଳ ଭାଷା ସପକ୍ଷରେ ପ୍ରତି ସପ୍ତାହ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ବାହାର କଲେ। ଏହା ବହୁ ଗୁଣରେ ଉତ୍ସାହିତ କଲା ଭାଷା ସୁରକ୍ଷା ଉଦ୍ୟମକାରୀଙ୍କୁ। ତତ୍ ସହିତ ନବ ପ୍ରକାଶିତ ବାଲେଶ୍ୱର ସମ୍ବାଦ ବାହିକାରେ ମଧ୍ୟ ଏ ସମ୍ପର୍କରେ କିଛି ଉପାଦେୟ ଲେଖା ବାହାରିଲା। ଫକୀରମୋହନ ସେଇ ମହାନ ଜାତିପ୍ରେମୀ ଗୌରୀଶଙ୍କରଙ୍କର ପ୍ରଶଂସା କରିବା ସହିତ ତାଙ୍କୁ ବିନମ୍ର ପ୍ରଣତି ମଧ୍ୟ ଜଣାଇଛନ୍ତି।

ଫକୀରମୋହନ ଶେଷରେ ଅମୋଘ ଅସ୍ତ୍ରଟେ ପ୍ରୟୋଗ କଲେ। ସେଦିନ କଚେରି ବନ୍ଦ ପରେ ସମସ୍ତ ଅମଲାଙ୍କୁ ଏକଜୁଟ କଲେ। ଏକ ହୃଦୟସ୍ପର୍ଶୀ ତଥା ଉପାଦେୟ ଭାଷଣ ପ୍ରଦାନ କରି ସେମାନଙ୍କ ମନ ଜିଣିଲେ। ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ସ୍କୁଲରେ ପଢ଼ା ଯିବା ହୁକୁମ ସରକାରଙ୍କ ନୁହେଁ; ତାହା ଚକ୍ରାନ୍ତକାରୀ କେତେକ ବଙ୍ଗଳୀଙ୍କ କୁବୁଦ୍ଧି। ପାର୍ସୀ ଉଠିଲା, ଓଡ଼ିଶାରେ ବଙ୍ଗାଳୀମାନେ କିରାଣୀ ହୋଇଗଲେ। ଓଡ଼ିଆ ଭାଷା ଉଠିଗଲେ ଏହି ବଙ୍ଗାଳୀମାନଙ୍କ ପୁଅ, ଭାଇ, ଜ୍ଞାତି, କୁଟୁମ୍ବ ମାନେ ଅମଲା ହୋଇଯିବେ। ଆପଣମାନେ ତ ନିଶ୍ଚିତ ବରଖାସ୍ତ ହେବେ – ଏଣିକି ଆପଣଙ୍କର ପୁଅ, ନାତି ଆଉ ସରକାରୀ ଚାକିରି ପାଇବେନି – ଫକୀର ମୋହନଙ୍କ ବକ୍ତବ୍ୟର ଏହା ଥିଲା ମୁଖ୍ୟାଂଶ। ସେଦିନ ସମବେତ ସମସ୍ତ କର୍ମଚାରୀ, ଆଉ ସବୁ ଜାତି ହିତୈଷୀମାନେ ମିଶି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତଟିଏ ଗ୍ରହଣ କଲେ। ଦରଖାସ୍ତ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଗଲା। ମହତ ଉଦ୍ଦେଶ୍ୟର ସୁଫଳ ନିଶ୍ଚୟ ମିଳେ! ସୌଭାଗ୍ୟକୁ ସେ ସମୟର ବାଲେଶ୍ୱର କଲେକ୍ଟର ଥାନ୍ତି ଭାଷାବିତ୍ ପଣ୍ଡିତ ବୀମ୍ସ ସାହେବ। ତାଙ୍କୁ ପ୍ରଦାନ କରାଯାଇଥିବା ଓଡ଼ିଆ ଭାଷା ସୁରକ୍ଷା ସମ୍ପର୍କିତ ଦରଖାସ୍ତକୁ ସେ ସହୃଦତାର ସହ ଗ୍ରହଣ କଲେ। ଓଡ଼ିଆ ଭାଷା ପ୍ରାଚୀନ; ଏହାର ସ୍ୱତନ୍ତ୍ରତାକୁ ଅସ୍ୱୀକାର କରାଯାଇ ନପାରେ – ଏ ମର୍ମରେ ସେ ଖଣ୍ଡେ ଇଂରାଜୀ ପୁସ୍ତକ ଲେଖିଲେ, ତତ୍ ସହିତ ଦରଖାସ୍ତଟିକୁ ବିଚାର କରିବା ପାଇଁ କମିଶନରଙ୍କ ପାଖକୁ ପଠାଇଲେ। ସେ ସମୟର ଟି. ରେଭେନ୍ସା ଉତ୍କଳର କମିଶନର। ସେ ବିମ୍ସ୍ ସାହେବଙ୍କ ଯୁକ୍ତିକୁ ଗ୍ରହଣ କଲେ। ଅନୁକୂଳ ଟିପ୍ପଣୀ ସହ ଦରଖାସ୍ତକୁ ଗଭର୍ଣ୍ଣମେଣ୍ଟକୁ ପ୍ରେରଣ କଲେ। ମିଳିଲା ଆଦେଶନାମା, "ଓଡ଼ିଶାର ସମସ୍ତ ସ୍କୁଲ୍ରୁ ବଙ୍ଗଳା ଭାଷା ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଉତ୍କଳ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ।" ଭାଷା ସୁରକ୍ଷା ଆନ୍ଦୋଳନର ଅପାତତଃ ଅନ୍ତ ଘଟିଲା ୧୮୭୦ ମସିହା ବେଳକୁ। ଏ ଦୁଇ ଇଂରେଜୀ ସାହେବ ଉତ୍କଳବାସୀଙ୍କ ନିକଟରେ ଚିର ସ୍ମରଣୀୟ ହୋଇ ରହିବେ – ଏ କଥାକୁ ଫକୀର ମୋହନ ଲେଖିଛନ୍ତି ନିଜ ଆତ୍ମଚରିତରେ।

ପାଠ୍ୟ ପୁସ୍ତକ ରଚନା, ପର୍ଯ୍ୟାପ୍ତ ସାହିତ୍ୟ ସୃଷ୍ଟି ଦିଗରେ ମନୋନିବେଶ କଲେ ଫକୀରମୋହନ, ରାଧାନାଥ, ମଧୁସୂଦନ। ସମୃଦ୍ଧଶାଳିନୀ ହେଲା ଆମ ଭାଷା – ସାହିତ୍ୟ। ରାଧା, ମଧୁ, ଫକୀର ଓଡ଼ିଆ ସାହିତ୍ୟରେ ଗଙ୍ଗା, ଯମୁନା, ସରସ୍ୱତୀଙ୍କ ତ୍ରିବେଣୀ ସଙ୍ଗମ ସଦୃଶ। କର୍ମବୀର ଗୌରୀଶଙ୍କରଙ୍କ ପରି ଆଉ କେତେଜଣ ଓଡ଼ିଶାର ସ୍ଥାୟୀ ବାସିନ୍ଦା ବଙ୍ଗବାସୀଙ୍କ ଓଡ଼ିଆ ଭାଷା ପ୍ରୀତି ପାଇଁ ଏ ଜାତି ନିକଟରେ ସ୍ମରଣୀୟ ହୋଇ ରହିବେ। ଅଧୁନା ଆମ ଭାଷା ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ। ଫକୀରମୋହନଙ୍କ ପରି ସଚ୍ଚା ଓଡ଼ିଆ ଆମକୁ ହେବାକୁ ପଡିବ। ଓଡିଆ ଭାଷା ସାହିତ୍ୟର ପ୍ରଚାର, ପ୍ରସାର, ଉନ୍ନତି – ଏ ଦିଗରେ ସରକାରଙ୍କ ପଦକ୍ଷେପମାନ ଅତୀବ ପ୍ରଶଂସନୀୟ। ଫକୀରମୋହନ ଜାତିସ୍ମର। ପୂର୍ବସୂରୀମାନଙ୍କୁ ସ୍ମରଣ କରି ଲେଖିଛନ୍ତି, "ପୂଜ୍ୟପାଦ ଜଗନ୍ନାଥ ଦାସ, ମହାକବି ଉପେନ୍ଦ୍ର ଭଞ୍ଜ, କବିବର ଅଭିମନ୍ୟୁ ଓ ଦୀନକୃଷ୍ଣ ଦାସଙ୍କ ସ୍ୱର୍ଗତ ପବିତ୍ରାତ୍ମାମାନଙ୍କ ଉଦ୍ଦେଶ୍ୟରେ ଭକ୍ତିପୂର୍ବକ ବାରମ୍ବାର ନମସ୍କାର କରୁଛି।" ଏହି ପୁଣ୍ୟ ଶ୍ଳୋକମାନଙ୍କ ହେତୁ ଆମ୍ଭ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା। ଏବେ ସମୟ ଆସିଛି। ଏ ଜାତି ପାଇଁ ଗୋଟେ ବେଟା ରିଂ ଲିଡ଼ର ନୁହେଁ; ଶହଶହ ସୈନିକଙ୍କର ଆବଶ୍ୟକତା। ନଚେତ୍ ଘରବୁଡ଼ି ପାଣି ଆଣ୍ଠୁଏ ହେବ; କାଳାମାନେ କହୁଥିବେ ଚାଳ ଦୁଲୁକୁଛି! ସେଇ ମହାନ ସାହିତ୍ୟସ୍ରଷ୍ଟା, ସଂଗ୍ରାମୀ ଫକୀରମୋହନଙ୍କ ତ୍ୟାଗ, ନିଷ୍ଠାରୁ ଓଡ଼ିଆଏ କାଣିଚାଏ ଗ୍ରହଣ କଲେ ଏ ଜାତିର ଗରିମା ଅତୁଟ ରହିବ ନିଶ୍ଚୟ।

ଏ ଜାତି ବେଶ୍ ସଚେତନ, "ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ? / କାହିଁ ତା'ର ରାଜ ଦୁଆରେ ସମ୍ମାନ? ଉଚ୍ଚ ହେବା ପାଇଁ ଯଦି କର ଆଶା/ ଉଚ୍ଚକର ଆଗେ ନିଜ ମାତୃଭାଷା"।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଧନ

ଶ୍ରଦ୍ଧେୟ ଭକ୍ତବୃନ୍ଦ ପ୍ରକୃତ ଧନ ହେଉଛି ଆତ୍ମଜ୍ଞାନ,ଆତ୍ମାକୁ ବୁଝିବା,ଆତ୍ମାକୁ ଜାଣିବା,ଆତ୍ମାର ଗତିକୁ ବୁଝିବା ଏହାହିଁ ଭକ୍ତର ପ୍ରକୃତ ଧନ,ବିନା ଧନରେ(ଟଙ୍କା ପଇସା)ନଥାଇ ଯେଉଁ ଭକ୍ତ ଆତ୍ମଜ୍ଞାନ ପ୍ରାପ୍ତ କରିଥାଏ ଏ ପୃଥିବୀର ଯେ କୌଣସି ସ୍ଥାନକୁ ଅନ୍ୟାୟସରେ ଯାଇପାରିବେ ଏବଂ ସକଳ ସ୍ଥାନରୁ ତାକୁ ଖାଦ୍ୟ,ପେୟ,ବସ୍ତ୍ର,ଧନ,ରହିବା ପାଇଁ ସ୍ଥାନ ସବୁ ମିଳିପାରିବ । ତେଣୁ ବସ୍ତୁବାଦ ଜଗତକୁ ଲକ୍ଷ୍ୟ ଦେଇ ଯେ କୋଠା,ବାଡି,ଧନ,ସମ୍ପଦରେ ଅନ୍ଧ ହୋଇଥାଏ ସେ ଏହି ବିଶାଳ ପୃଥିବୀରେ ଯେତେ ଟଙ୍କା ରୋଜଗାର କଲେ ବି ତାକୁ ଅଣ୍ଟିବ ନାହିଁ । କି ତା ମନରେ ଶାନ୍ତି ମିଳିପାରିବ ନାହିଁ । ସେ ସବୁବେଳେ ମାୟାରୂପକ ଜାଲରେ ଆପେ ଆପେ ଛନ୍ଦି ହୋଇ ଯାଉଥିବ । ଏହାହିଁ ସତ୍ୟ,ଏହାହିଁ ସରଳତା,ପ୍ରକୃତରେ ସରଳତା ହିଁ ଚତୁରତାର ଚାବିକାଠି । ଏହି ସରଳ ମାର୍ଗରେ ଯିବାପାଇଁ ଆମକୁ ସତର୍କତାର କୌଶଳ ତାକୁ ଅବଲମ୍ବନ କରିବାକୁ ପଡିଥାଏ । ଭାଗବତରେ ଅଛି ସରଳ ମନେ କଲେ ଧ୍ୟାନ ନିଶ୍ଚେ ଭେଟିବେ ଭଗବାନ । ହରି ଓଁ ।

◆◆

# ଡିଜିଟାଲ ସାକ୍ଷରତା ଏବଂ ନୈତିକ ଶୂନ୍ୟତା



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

କୌଣସି ରାଷ୍ଟ୍ରର ନିୟତି ତାର ଶିକ୍ଷା ବ୍ୟବସ୍ଥାରୁ ଜଣାପଡିଥାଏ। ଭାରତ ଏକଦା ବିଶ୍ୱଗୁରୁ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲା କିନ୍ତୁ ଏବେ କିମ୍ଭୂତ କିମାକାର ବିରୋଧାଭାଷାର ସମୟ ଦେଇ ଗତି କରୁଛି। ଗୋଟିଏ ପଟେ ଆମେ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛେ ବୋଲି କହୁଛେ କିନ୍ତୁ ଅନ୍ୟ ପଟରେ ଆମର ରାଷ୍ଟ୍ରୀୟ ଚରିତ୍ର ଏବଂ ଶିକ୍ଷାର ମୂଲ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳୁଛି। ଯେତେବେଳେ ଆମ ପାଖରେ ସଂସାଧନ ସୀମିତ ଥିଲା ସେତେବେଳେ ଶିକ୍ଷାର ଉଦ୍ଦେଶ୍ୟ ଥିଲା ଜ୍ଞାନ ଆହରଣ କରିବା ଏବଂ ଚରିତ୍ରବାନ ହେବା। କିନ୍ତୁ ଆଜିର ସମୟର ସଂସାଧନ ଅଧିକ ରହିଛି ହେଲେ ଶିକ୍ଷା ଏକ ଉପଭୋକ୍ତା ବସ୍ତୁରେ ପରିଣତ ହୋଇଯାଇଛି। ଇତିହାସ ସାକ୍ଷୀ ରହିଛି ଯେତେବେଳେ ଭାରତ ଆର୍ଥିକସ୍ତରରେ ଦୁର୍ବଳ ଥିଲା ସେତେବେଳେ ସମାଜରେ ଶିକ୍ଷା ପ୍ରତି ଏକ ପବିତ୍ର ଦୃଷ୍ଟିକୋଣ ଥିଲା। ସେ ସମୟରେ ମନୋରଞ୍ଜନର ସାଧନ ସୀମିତ ଥିଲା ଏବଂ ରୋଜଗାରର ଅବସର ଅଧିକ ନଥିଲା ଏଣୁ ଶିକ୍ଷାକୁ ଜୀବନର ଏକମାତ୍ର ଉଦ୍ଧାରର ମାର୍ଗ ଭାବେ ବିବେଚନା କରାଯାଉଥିଲା। ସେ ସମୟରେ ଧନୀ-ଗରୀବ ସବୁ ପିଲାଏ ଗୋଟିଏ କକ୍ଷରେ ଶିକ୍ଷା ଗ୍ରହଣ କରୁଥିଲେ। ଶିକ୍ଷା ସାମାଜିକ ମାନ୍ୟତାର ଆଧାର ଥିଲା।

ସେ ସମୟରେ ଶିକ୍ଷକ କେବଳ ମାତ୍ର କର୍ମଚାରୀ ନଥିଲେ ବରଂ ସମାଜର ନୈତିକ ମାର୍ଗଦର୍ଶକ ଥିଲେ। ତାଙ୍କର ଧନ ସମ୍ପତ୍ତିକୁ ନେଇ ନୁହେଁ ବରଂ ତାଙ୍କର ଜ୍ଞାନ ଏବଂ ଚରିତ୍ର ପାଇଁ ତାଙ୍କୁ (ଶିକ୍ଷକଙ୍କୁ) ସମ୍ମାନ ଦିଆଯାଉଥିଲା। ଆର୍ଥିକ ଉଦାରୀକରଣ ଏବଂ ବୈଷୟିକ ଜ୍ଞାନ କୌଶଳ (ଟେକନିକ୍)ର ବିସ୍ତାର ସମାଜର ଏକ ବଡ଼ ବର୍ଗଙ୍କ ପାଇଁ ଏବେ ବିନା ଔପଚାରିକ ଶିକ୍ଷାରେ ଆଜୀବିକାର ରାସ୍ତା ଖୋଲିଦେଇଛି। ଏବେ ଓଲା-ଉବେର, ଜୋମାଟୋ- ସ୍ୱିଗି ଭଳି ସଂସ୍ଥା ଏବଂ ହଜାର ହଜାର ସୋରୁମରେ ସେଲସମ୍ୟାନ୍ ବା ଡ଼େଲିଭରି ବୟ ଭାବରେ କାର୍ଯ୍ୟକରି ରୋଜଗାର କରିବା ସହଜ ହୋଇଯାଇଛି। ଯୁବବର୍ଗ ଭାବିଲେଣି ଯଦି ସେମାନେ ୧୦ମ ବା ଯୁକ୍ତ ଦୁଇ ପାଠ ସରିବା ପରେ ୧୫ରୁ ୨୦ ହଜାର ମାସିକ ରୋଜଗାର କରିବା ପାଇଁ ସକ୍ଷମ ତେବେ ଉଚ୍ଚଶିକ୍ଷା ଏବଂ ଚରିତ୍ର ନିର୍ମାଣର ଜଟିଳ ପ୍ରକ୍ରିୟାରେ ସମୟ ନଷ୍ଟ କରିବେ କାହିଁକି? ସାମାଜିକ ଗଣମାଧ୍ୟମ (ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ହ୍ୱାଟସଆପ୍) ଭଳି ମଞ୍ଚ ମଧ୍ୟ ଏ ଭଳି କଥାକୁ ପ୍ରସାରିତ କରୁଛନ୍ତି। ଲୋକେ ରିଲ୍ ଏବଂ ପୋଷ୍ଟକୁ ଅନ୍ତିମ ସତ୍ୟ ବୋଲି ମାନି ନେଉଛନ୍ତି ଯାହା ଫଳରେ ସେମାନଙ୍କର ଆଲୋଚନାତ୍ମକ ବିଚାର ବା ଚିନ୍ତା ସମାପ୍ତ ହୋଇଯାଇଛି।

ଶିକ୍ଷାର ବ୍ୟବସାୟୀକରଣ ଏବଂ ଆର୍ଥିକ ସମ୍ପନ୍ନତା ଶିକ୍ଷାକୁ ଦୁଇ ଭାଗେର ବାଣ୍ଟିଦେଇଛି। ଧନୀକ ବର୍ଗଙ୍କ ପାଇଁ ଶିକ୍ଷା ଏକ ଆଡ଼ମ୍ବରର ବସ୍ତୁ ପାଲଟିଯାଇଛି। ଉଚ୍ଚହାରର ଫିସ ଦେଇ ଡ଼ିଗ୍ରୀ କିଣାଯାଇପାରେ କିନ୍ତୁ ସଂସ୍କାର, ଅନୁଶାସନ ଏବଂ ବାସ୍ତବିକ ଜ୍ଞାନର ଅଭାବ ରହିଯାଇଥାଏ। ଶିକ୍ଷାର ଉଦ୍ଦେଶ୍ୟ ଏକ ଆଭିଜାତ୍ୟର ସିମ୍ବଲ ହୋଇଗଲାଣି। ସରକାରୀ ସ୍କୁଲ ସବୁର ଅବ୍ୟବସ୍ଥା ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କର ମହଙ୍ଗା ଫିସ୍ ମଧ୍ୟରେ ଗରୀବ ପିଲାମାନେ କେବଳ କାମଚଳା ସାକ୍ଷରତା ପର୍ଯ୍ୟନ୍ତ ସୀମିତ ହୋଇ ରହିଯାଉଛନ୍ତି। ଟେକନିକର ବିକାଶ କାରଣରୁ ଗୁରୁ ଶିଷ୍ୟ ପରମ୍ପରାର ଅନ୍ତ ଘଟିଛି। ଅନ୍‌ଲାଇନ୍ ଶିକ୍ଷା ଏବଂ ଗୁଗୁଲ ଏବଂ ଜିଜ୍ଞାସା ବା ଜାଣିବାର ଇଚ୍ଛାକୁ ସୁଗମ ଓ ସୁଲଭ କରିଦେଇଛି କିନ୍ତୁ ଜ୍ଞାନ ଏବଂ ବୋଧକୁ ଛଡାଇ ନେଇଛି। ଅନଲାଇନରେ ପରୀକ୍ଷା କରାଯାଉଛି ଓ ଡ଼ିଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି। ମିଳୁଥିବା ଏହି ଡିଗ୍ରୀ ଖଣ୍ଡେ କାଗଜ ଠାରୁ ଅଧିକ କିଛି ନୁହେଁ। ଏଥିରେ ଶିକ୍ଷାଲାଭ କରିବାର ତପସ୍ୟା ଏବଂ ଅନୁଶାସନ ନଥାଏ ଯାହା ଗୁରୁଙ୍କ ସାନ୍ନିଧ୍ୟରୁ ପ୍ରାପ୍ତ ହୋଇଥାଏ।

ଏବେ ଶିକ୍ଷକ (ଗୁରୁ)ଙ୍କୁ ସର୍ଭିସ ପ୍ରୋଭାଇଡ଼ର ବା ସେବା ପ୍ରଦାନକାରୀ ବୋଲି ମାନି ନିଆଯାଉଛି। ଶିକ୍ଷକ ମାନଙ୍କୁ ଶିକ୍ଷା ଦାନ ପରିବର୍ତ୍ତେ ଅନେକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଯେତେବେଳ ଶିକ୍ଷାର ଉଦ୍ଦେଶ୍ୟ କେବଳ ରୋଜଗାର ବା ଗୁଜୁରାଣ ମେଣ୍ଟାଇବା ଭିତରେ ରହିଯାଏ ସେତେବେଳ ରାଷ୍ଟ୍ରୀୟ ଚରିତ୍ରର ପତନ ସୁନିଶ୍ଚିତ ହୋଇଥାଏ। ଆଜିକାଲି ସବୁଠି ଅନୁଶାସନହୀନତା ଦେଖିବାକୁ ମିଳୁଛି। ଏକ ତୁଳନାତ୍ମକ ଅଧ୍ୟୟନରୁ ସ୍ପଷ୍ଟ ଯେ ଜାପାନ, ଜର୍ମାନ ଏବଂ ଚୀନ ଭଳି ଦେଶ ଆମଠାରୁ ଆଗରେ ରହିବାର କାରଣ କେବଳ ଧନ ବା ଆର୍ଥିକ ବ୍ୟବସ୍ଥା ନୁହେଁ ବରଂ ଅନୁଶାସନ ଏବଂ ରାଷ୍ଟ୍ରୀୟ ଗୌରବ ସେମାନଙ୍କ ଶିକ୍ଷାର ମୂଳ ଆଧାର ଯେଉଁଥିପାଇଁ ସେମାନେ ଆମ ଆଗରେ ଅଛନ୍ତି। ଆମ ଦେଶରେ କିନ୍ତୁ ଭିନ୍ନ କଥା ରହିଛି। ବ୍ୟକ୍ତିଗତ ସ୍ୱାର୍ଥକୁ ରାଷ୍ଟ୍ରୀୟହିତର ଉପରେ ରଖାଯାଉଛି।

ଆମେ ଟେକନିକ ଏବଂ ଆର୍ଥିକ ପ୍ରଗତିର ଯୁଗରୁ ପଛକୁ ଫେରିପାରିବା ନାହିଁ କିନ୍ତୁ ବ୍ୟବସ୍ଥାକୁ ତ ସୁଧାରି ପାରିବା। ଆମ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ରାଷ୍ଟ୍ରୀୟ ଚରିତ୍ର ନିର୍ମାଣ, ନୈତିକତା ଏବଂ ନାଗରିକର କର୍ତ୍ତବ୍ୟ ବାବଦରେ ଶିକ୍ଷା ଦିଆଯିବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶିକ୍ଷକଙ୍କୁ ସମାଜର ଶୀର୍ଷସ୍ଥାନରେ ସ୍ଥାପିତ କରାଯିବା ଦରକାର। ଶିକ୍ଷକ ମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ସେମାନେ ଚିନ୍ତାମୁକ୍ତ ହୋଇ ଉତ୍ତମ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହେବେ। ଆର୍ଥିକ ସମ୍ପନ୍ନତା ସହ ଯଦି ସଂସ୍କାର ଏବଂ ଚରିତ୍ର ନରହିବ ତେବେ ସମାଜର ବିନାଶ ଅବଶ୍ୟମ୍ଭାବୀ। ଆମ ଦେଶରେ ଏମିତି ଏକ ବ୍ୟବସ୍ଥାର ଆବଶ୍ୟକତା ରହିଛି ଯେଉଁଠି ଟେକନିକ୍ର ଉପଯୋଗ ରହିବ ଓ ତାସହ ଗୁରୁଙ୍କ ଗରିମା ଏବଂ ଅନୁଶାସନ ମଧ୍ୟ ରହିବ। ଯଦି ଆମେ ଆମ ରାଷ୍ଟ୍ରୀୟ ଚରିତ୍ରକୁ ସୁଧାରି ନପାରିବା ତେବେ ଭବିଷ୍ୟତର ପିଢ଼ି କେବଳ ସାକ୍ଷର ହେବେ, ଶିକ୍ଷିତ ହୋଇପାରିବେ ନାହିଁ। ରାଷ୍ଟ୍ରର ବାସ୍ତବିକ ସ୍ଥିତି ଓ ମଜଭୁତି ଜିଡିପିରେ ନୁହେଁ ବରଂ ନାଗରିକଙ୍କ ଆଚରଣ ଏବଂ ନୈତିକତାରେ ନିହିତ ରହିଥାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଭାରତୀୟ ବ୍ୟାଟରଙ୍କ ଧମାକା ପରେ ବୋଲରଙ୍କ କମାଲ : ବ୍ୟାକ୍‌ଫୁଟ୍‌ରେ ଆଫଗାନିସ୍ତାନ




**ନ୍ୟୁଚଣ୍ଡୀଗଡ଼**

ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ରେ ଭାରତ ନିଜର ସ୍ଥିତି ଅତ୍ୟନ୍ତ ମଜବୁତ କରିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଆଫଗାନିସ୍ତାନ ୧୧୩ ରନ୍ ସ୍କୋରରେ ୫ଟି ୱିକେଟ୍ ହରାଇ ସାରିଛି। ମୁଲ୍ଲାନପୁରର ମହାରାଜା ଯାଦବେନ୍ଦ୍ର ସିଂ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଦ୍ୱିତୀୟ ଦିନରେ ଭାରତୀୟ ଦଳ ୮ ୱିକେଟ୍ ହରାଇ ୫୬୪ ରନ୍‌ରେ ନିଜର ପ୍ରଥମ ଇନିଂସ ଘୋଷଣା କରିଥିଲା। ଭାରତ ପ୍ରଥମ ଇନିଂସ ଆଧାରରେ ବର୍ତ୍ତମାନ ବି ୪୫୧ ରନର ବିଶାଳ ଅଗ୍ରଣୀ ରହିଛି। ଆଫଗାନିସ୍ତାନ ବିପକ୍ଷରେ ଏହା ଯେକୌଣସି ଦଳର ଦ୍ୱିତୀୟ ସର୍ବବୃହତ ସ୍କୋର। ବର୍ଷ ୨୦୨୩ ପରେ ଭାରତୀୟ ଦଳ ପ୍ରଥମ ଥର ପାଇଁ ୫୫୦ରୁ ଅଧିକ ରନର ସ୍କୋର ଛିଡ଼ା କରିଛି।

ଟେଷ୍ଟର ଦ୍ୱିତୀୟ ଦିନର ଖେଳକୁ ଅଧିନାୟକ ଶୁବମନ ଗିଲ୍ ଏବଂ ରଷଭ ପନ୍ତ ଆଗକୁ ବଢ଼ାଇବା ସହ ଆଉ ୪୮ ରନ୍ ଯୋଡ଼ିଥିଲେ। ଅଧିନାୟକ ଗିଲ୍ ୧୭୮ଟି ବଲ୍‌ର ସାମ୍ନା କରି ୧୨୬ ରନ୍‌ର ଏକ ଦମ୍‌ଦାର ଇନିଂସ ଖେଳି ଆଉଟ୍ ହୋଇଥିଲେ। ସେ ନିଜ ଇନିଂସରେ ୧୫ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟପଟେ ପନ୍ତ ନିଜ ଶତକରୁ ବଞ୍ଚିତ ହୋଇ ୮୧ ରନରେ ଆଉଟ୍ ହୋଇଥିଲେ। ଧ୍ରୁବ ଜୁରେଲ (୧୯) ବ୍ୟାଟ୍ ଜରିଆରେ କିଛି ଖାସ୍ କମାଲ କରିପାରିନଥିଲେ। ଏହାପରେ ୱାଶିଂଟନ୍ ସୁନ୍ଦର ଏବଂ ମାନବ ସୁଥାର୍ ମୋର୍ଚ୍ଚା ସମ୍ଭାଳିଥିଲେ। ଉଭୟ ମିଶି ସପ୍ତମ ୱିକେଟ୍ ପାଇଁ ୫୪ ରନ୍‌ର ପାର୍ଟନରସିପ୍ ଗଢ଼ିଥିଲେ। ନିଜର ଡେବ୍ୟୁ ଇନିଂସରେ ମାନବ ୨୮ ରନ୍ କରି ଆଉଟ୍ ହୋଇଥିଲେ।

ମାନବ ଆଉଟ୍ ହେବା ପରେ ପଡ଼ିଆକୁ ଓହ୍ଲାଇଥିବା ମହମ୍ମଦ ସିରାଜ ମଧ୍ୟ ୧୨ଟି ବଲ୍‌ରୁ ୨୨ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଅନ୍ୟପଟେ ସୁନ୍ଦର ଗୋଟିଏ ଛୋର ସମ୍ଭାଳି ଠିଆ ହୋଇଥିଲେ ଏବଂ ୫୨ ରନ୍ କରି ଅପରାଜିତ ରହିଥିଲେ। ମ୍ୟାଚ୍‌ର ପ୍ରଥମ ଦିନରେ କେ.ଏଲ୍ ରାହୁଲ ୧୬୫ଟି ବଲ୍‌ର ସାମ୍ନା କରି ୧୦୦ ରନ୍‌ର ଏକ ଦମ୍‌ଦାର ଶତକୀୟ ଇନିଂସ ଖେଳିଥିଲେ। ସେହିପରି ସାଇ ସୁଦର୍ଶନଙ୍କ ବ୍ୟାଟ୍‌ରୁ ୮୧ ରନ୍ ବାହାରିଥିଲା। ଆଫଗାନିସ୍ତାନ ପକ୍ଷରୁ ମହମ୍ମଦ ସଲିମ ସଫି ଚମତ୍କାର ପ୍ରଦର୍ଶନ କରି ୬ଟି ୱିକେଟ୍ ଚଟକାଇଥିଲେ। ଅନ୍ୟପଟେ ଜିଆଉର ରହମାନ ଏବଂ ହଶମତୁଲ୍ଲା ଶାହିଦି ଗୋଟିଏ ଲେଖାଏଁ ୱିକେଟ୍ ନିଜ ନାମରେ କରିଥିଲେ।

ଆଫଗାନିସ୍ତାନ ପାଇଁ ଦୁଇ ଓପନର୍ ବ୍ୟାଟର ଅଲ୍ଲା ମଲିକ ଏବଂ ସେଦିକୁଲ୍ଲା ଅଟଲ୍ ସମ୍ଭାଳି ଗୁରୁତ୍ୱପୂର୍ଣ୍ଣ ଆରମ୍ଭ କରିଥିଲେ। ଡେବ୍ୟୁ କରୁଥିବା ମାନବ ସୁଥାରଙ୍କୁ ଅଧିନାୟକ ଶୁବମନ ଗିଲ୍ ୫ମ ଓଭରରେ ବୋଲିଂ ମୋର୍ଚ୍ଚାକୁ ଆଣିଥିଲେ। ସେ ନିଜର ପ୍ରଥମ ଓଭରରେ ହିଁ ୱିକେଟ୍ ହାସଲ କରିନେଇଥିଲେ। ମାନବ ଓପନର୍ ମଲିକଙ୍କୁ (୧୮) ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାପରେ ପ୍ରସିଦ୍ଧ କ୍ରିଷ୍ଣା ୯ମ ଓଭରରେ ଅଟଲ୍‌ଙ୍କୁ ବୋଲ୍ଡ କରିଦେଇଥିଲେ, ସେ ୧୭ ରନ୍‌ର ଇନିଂସ ଖେଳିଥିଲେ। ରହମନୁଲ୍ଲା ଗୁରବାଜ (୧୨) ମଧ୍ୟ କିଛି ଖାସ୍ କମାଲ କରିପାରିନଥିଲେ ଏବଂ ମାନବ ସୁଥାରଙ୍କ ବଲ୍‌ରେ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଚତୁର୍ଥ ୱିକେଟ୍ ପାଇଁ ରହମତ ଶାହାଙ୍କ ସହ ମିଶି ଅଧିନାୟକ ହଶମତୁଲ୍ଲା ଶାହିଦି ୩୬ ରନ୍ ଯୋଡ଼ିଥିଲେ। ପ୍ରସିଦ୍ଧ କ୍ରିଷ୍ଣା, ଶାହିଦିଙ୍କୁ ଏଲବିଡବ୍ଲ୍ୟୁ କରି ଏହି ଭାଗିଦାରୀକୁ ଭାଙ୍ଗିଥିଲେ। ଶାହିଦି ୪୮ଟି ବଲ୍‌ର ସାମ୍ନା କରି ୨୦ ରନ୍ କରିଥିଲେ। ଦ୍ୱିତୀୟ ଦିନର ଶେଷ ବଲ୍‌ରେ ଅଫସର ଜଜଇ, ମାନବ ସୁଥାରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଦିନର ଖେଳ ଶେଷ ସୁଦ୍ଧା ରହମତ ୪୩ ରନ୍ କରି ଅପରାଜିତ ରହିଛନ୍ତି। ମାନବ ସୁଥାର୍ ମାତ୍ର ୧୫.୫ ଓଭର ବୋଲିଂ କରି ୨୧ ରନ୍ ବିନିମୟରେ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହାସଲ କରିଛନ୍ତି। ଅନ୍ୟପଟେ ଦୁଇଟି ୱିକେଟ୍ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମିଳିଛି।

# ପ୍ରଜ୍ଞାନନ୍ଦାଙ୍କୁ ନରୱେ ଚେସ୍ ଟାଇଟଲ : ପ୍ରଥମ ଭାରତୀୟ ଭାବେ ମିଳିଲା ସଫଳତା



**ଓସ୍‌ଲୋ**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦା ଚଳିତ ବର୍ଷ ନରୱେ ଚେସ୍ ଚାମ୍ପିଅନ୍ ହେବାର ଗୌରବ ଲାଭ କରିଛନ୍ତି। ୧୦ ରାଉଣ୍ଡ୍ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସେ ସର୍ବାଧିକ ୧୮ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ପ୍ରଥମ ଭାରତୀୟ ଭାବେ ଏହି ଟାଇଟଲ୍ ଜିତି ଇତିହାସ ରଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ୍ ମିଡିଆରେ ପ୍ରଜ୍ଞାନନ୍ଦାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ନରୱେ ରାଜଧାନୀ ଓସ୍‌ଲୋ ଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ତଥା ଦଶମ ରାଉଣ୍ଡରେ ପ୍ରଜ୍ଞାନନ୍ଦା ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କୁ ହରାଇ ଟ୍ରଫି ଉଠାଇବାରେ ସଫଳ ହୋଇଥିଲେ। ଟାଇଟଲ ପଥରେ ସେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୭ଥର ଚାମ୍ପିଅନ୍ ମାଗନସ୍ କାର୍ଲସେନଙ୍କୁ ୨ଥର ପରାଜିତ କରିଥିଲେ। ଆମେରିକାର ୱେସଲି ସୋ ୧୭ ପଏଣ୍ଟ ସହ ଦ୍ୱିତୀୟ, ଫ୍ରାନ୍ସର ଅଲିରେଜା ଫିରୌଜା ୧୫.୫ ପଏଣ୍ଟ ସହ ତୃତୀୟ, କାର୍ଲସେନ ୧୩ ପଏଣ୍ଟ ସହ ଚତୁର୍ଥ, କିମର ୧୧ପଏଣ୍ଟ ସହ ପଞ୍ଚମ ଏବଂ ବିଶ୍ୱ ଚାମ୍ପିଅନ୍ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ୮ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଥିଲେ। ଗୁକେଶ ଅନ୍ତିମ ରାଉଣ୍ଡରେ କାର୍ଲସେନଙ୍କ ନିକଟରୁ ହାରି ଯାଇଥିଲେ। ମହିଳା ବର୍ଗରେ କାଜାଖସ୍ତାନର ବିବିସାରା ଆସାଉବାୟେଭା ୧୬.୫ ପଏଣ୍ଟ ସହ ଚାମ୍ପିଅନ୍ ହୋଇଛନ୍ତି। ବିଶ୍ୱ ଚାମ୍ପିଅନ୍ ଭାରତୀୟ ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ୧୦ପଏଣ୍ଟ ସହ ପଞ୍ଚମ ଓ ହମ୍ପି କୋନେରୁ ୯ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ।

ପ୍ରଜ୍ଞାନନ୍ଦା ଦ୍ୱିତୀୟ ଥର ପାଇଁ ନରୱେ ଚେସ୍‌ରେ ଖେଳୁଥିଲେ। ଏହି ଏଲିଟ୍ ୬ ଜଣିଆ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଆରମ୍ଭ ଧୀର ଥିଲା, କିନ୍ତୁ ଦ୍ୱିତୀୟାର୍ଦ୍ଧରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ଅଭିଯାନର ମୁଖ୍ୟ କଥା ହେଉଛି ବିଶ୍ୱ ନମ୍ବର ୧ ଏବଂ ୭ ଥର ନରୱେଜିଆନ୍ ଚେସ୍ ଚାମ୍ପିଅନ୍ ମାଗନସ୍ କାର୍ଲସେନଙ୍କୁ ଚେସରେ ଦୁଇଥର ପରାସ୍ତ କରିବା। ଏହି ସଫଳତା ତାଙ୍କ ଲଢୁଆ ମନୋଭାବର ପ୍ରମାଣ, ବିଶେଷକରି ଚଳିତ ବର୍ଷ ପ୍ରାରମ୍ଭରେ ପାଫୋସରେ ଅନୁଷ୍ଠିତ ପ୍ରାର୍ଥୀ ଟୁର୍ଣ୍ଣାମେଣ୍ଟରେ ତାଙ୍କର ପ୍ରଦର୍ଶନ ଆଶାଠାରୁ କମ୍ ଥିଲା। ଏହି ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଜ୍ଞାନନ୍ଦାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଏକ୍ସରେ ଲେଖିଛନ୍ତି, 'ଏହା ବାସ୍ତବରେ ଏକ ଅବିଶ୍ୱସନୀୟ ମାଇଲଖୁଣ୍ଟ ଯାହା ତାଙ୍କର ନିରନ୍ତର ଉତ୍କର୍ଷତାକୁ ପ୍ରକାଶ କରେ। ତାଙ୍କର ଭବିଷ୍ୟତ ସଫଳତା ପାଇଁ ଶୁଭେଚ୍ଛା।'

# ବାଂଲାଦେଶକୁ ହରାଇ ଷଷ୍ଠ ଥର ସାଫ୍ ଚାମ୍ପିଅନ୍ ହେଲା ଟିମ୍ ଇଣ୍ଡିଆ




**ନୂଆଦିଲ୍ଲୀ**

ଭାରତୀୟ ମହିଳା ଫୁଟବଲ୍ ଦଳ ଫାଇନାଲ୍ ମ୍ୟାଚ୍‌ରେ ବାଂଲାଦେଶକୁ ୩-୧ ଗୋଲ୍‌ରେ ପରାସ୍ତ କରି ଷଷ୍ଠ ଥର ପାଇଁ ସାଫ୍ ମହିଳା ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ଦୀର୍ଘ ସାତ ବର୍ଷ ପରେ ଭାରତ ଏହି ଟ୍ରଫି ହାସଲ କରିଛି। ଭାରତ ପାଇଁ ପ୍ୟାରୀ ଖାଖା (୪୨ତମ ମିନିଟ୍), ସନଫିଦା ନୋଙ୍ଗ୍ରମ (୪୬ତମ ମିନିଟ୍) ଏବଂ ଲିଣ୍ଡା କମ୍ ସର୍ଟୋ (୮୨ତମ ମିନିଟ୍) ଗୋଲ୍ କରିଥିଲେ। ବାଂଲାଦେଶ ପକ୍ଷରୁ ଏକମାତ୍ର ଗୋଲ୍ ରିତୁ ପର୍ଣ୍ଣା ଚକମା (୪୫+୨ତମ ମିନିଟ୍) ସ୍କୋର କରିଥିଲେ। କହି ରଖୁଛୁ ଯେ ଆୟୋଜକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟ ଏହି ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଅପରାଜେୟ ରହି ନିଜର ଅଭିଯାନ ପୂରା କରିଛି। ଦଳ ମୋଟ ୧୮ଟି ଗୋଲ୍ ଦେଇଥିବା ବେଳେ ମାତ୍ର ଗୋଟିଏ ଗୋଲ୍‌ର ସାମ୍ନା କରିଛି, ଯାହା ଟୁର୍ଣ୍ଣାମେଣ୍ଟରେ ଭାରତର ଦବଦବାକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ଭାରତୀୟ ଦଳ ମାଳଦ୍ୱୀପ ବିପକ୍ଷରେ ୧୧-୦ର ବିଶାଳ ବିଜୟ ସହ ନିଜର ଅଭିଯାନ ଆରମ୍ଭ କରିଥିଲା ଏବଂ ପରେ ବାଂଲାଦେଶକୁ ୩-୦ରେ ପରାସ୍ତ କରି ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ହାସଲ କରିଥିଲା।

କ୍ରମାଗତ ପାଞ୍ଚ ଥର ଟାଇଟଲ୍ ଜିତିବା ପରେ, ଭାରତ ବିଗତ ଦୁଇଟି ସଂସ୍କରଣରେ ଫାଇନାଲରେ ମଧ୍ୟ ପହଞ୍ଚିପାରି ନଥିଲା। ଉକ୍ତ ଦୁଇଟିଯାକ ସଂସ୍କରଣରେ (୨୦୨୨ ଏବଂ ୨୦୨୪) ବାଂଲାଦେଶ ନେପାଳକୁ ହରାଇ ଟ୍ରଫି ଜିତିଥିଲା। ଭାରତ ଶେଷ ଥର ପାଇଁ ୨୦୧୯ ମସିହାରେ ଏହି ଟାଇଟଲ୍ ଜିତିଥିଲା।

ସାଫ୍ କପ୍‌ରେ ଟିମ୍ ଇଣ୍ଡିଆ ଚାମ୍ପିଅନ୍ ହେବା ସହିତ ହିଁ ଷ୍ଟାର୍ ଖେଳାଳି ଗ୍ରେସ୍ ଡାଙ୍ଗମେଇ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଛନ୍ତି। ମଣିପୁରର ୩୦ ବର୍ଷୀୟା ଏହି ଫରୱାର୍ଡ ଖେଳାଳି ୨୦୧୩ ମସିହାରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ନିଜର ୧୫ ବର୍ଷର ଚମତ୍କାର କ୍ୟାରିୟରରେ ସେ ୯୫ଟି ମ୍ୟାଚ୍‌ରେ ଦେଶର ପ୍ରତିନିଧିତ୍ୱ କରିଛନ୍ତି ଏବଂ ନିଜର ତୃତୀୟ ସାଫ୍ ଟାଇଟଲ୍ ଜିତି ଅନ୍ତର୍ଜାତୀୟ କ୍ୟାରିୟରରୁ ବିଦାୟ ନେଇଛନ୍ତି।

ଫାଇନାଲ୍ ମ୍ୟାଚ୍‌ରେ ଗ୍ରେସ୍ ଡାଙ୍ଗମେଇ ପ୍ରାରମ୍ଭିକ ଏକାଦଶରେ ସାମିଲ ନଥିଲେ ଏବଂ ଜଣେ ବଦଳ ଖେଳାଳି (ସବ୍‌ଷ୍ଟିଚ୍ୟୁଟ୍) ଭାବରେ ମଇଦାନକୁ ଓହ୍ଲାଇଥିଲେ। ତଥାପି, ମ୍ୟାଚ୍ ଶେଷ ସମୟରେ ତାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା ଏବଂ ପୁରସ୍କାର ବିତରଣ ସମାରୋହରେ ସେ ଟ୍ରଫି ଉତ୍ତୋଳନ କରିଥିଲେ। ନିଜର କ୍ୟାରିୟର ମଧ୍ୟରେ ଗ୍ରେସ୍ କ୍ରିପ୍ସା, ସେତୁ ଏଫ୍‌ସି, ଗୋକୁଲମ କେରଳ ଏବଂ ଶ୍ରୀଭୂମି ଭଳି ଶୀର୍ଷ ଭାରତୀୟ କ୍ଲବ୍‌ଗୁଡ଼ିକ ପାଇଁ ମଧ୍ୟ ଖେଳିଛନ୍ତି।

ସାଫ୍ ମହିଳା ଚାମ୍ପିଅନସିପ୍ ହେଉଛି ଦକ୍ଷିଣ ଏସୀୟ ଅଞ୍ଚଳର ମହିଳା ଜାତୀୟ ଦଳଗୁଡ଼ିକ ପାଇଁ ଏକ ପ୍ରମୁଖ ଅନ୍ତର୍ଜାତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ। ଦକ୍ଷିଣ ଏସୀୟ ଫୁଟବଲ୍ ମହାସଂଘ ଦ୍ୱାରା ପରିଚାଳିତ ଏହି ଟୁର୍ଣ୍ଣାମେଣ୍ଟ ଦକ୍ଷିଣ ଏସିଆରେ ମହିଳା ଫୁଟବଲ୍‌ର ପ୍ରସାର, ପ୍ରତିଦ୍ୱନ୍ଦ୍ୱିତା ଏବଂ ବିକାଶ ପାଇଁ ପ୍ରାୟ ପ୍ରତି ଦୁଇ ବର୍ଷରେ ଥରେ ଆୟୋଜିତ ହୋଇଥାଏ।

# ଫିଫା ବିଶ୍ୱକପ୍ ଖେଳିବା ପାଇଁ ଆମେରିକା ପହଞ୍ଚିବେ ଇରାନୀ ଦଳ : ମିଳିଲା ସର୍ତ୍ତମୂଳକ ଭିସା



**ୱାସିଂଟନ**

୨୦୨୬ ଫିଫା ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏବେ ଖେଳ ପଡ଼ିଆରେ ପହଞ୍ଚିଛି। ଆମେରିକା ଇରାନର ଜାତୀୟ ଫୁଟବଲ୍ ଦଳର ଖେଳାଳିମାନଙ୍କୁ ଭିସା ପ୍ରଦାନ କରିଛି, କିନ୍ତୁ ସେମାନଙ୍କ ସହିତ ଆସୁଥିବା ବ୍ୟାକରୁମ୍ ଷ୍ଟାଫ୍ ଏବଂ ପରିଚାଳନା ସଦସ୍ୟଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଛି। ଇରାନ ଏହି ନିଷ୍ପତ୍ତିର କଡ଼ା ବିରୋଧ କରିଛି, ଏହାକୁ କ୍ରୀଡ଼ାରେ ରାଜନୈତିକ ହସ୍ତକ୍ଷେପ ବୋଲି କହିଛି। ଆକର୍ଷଣୀୟ କଥା ହେଉଛି, ବିଶ୍ୱକପ୍ ଇତିହାସରେ ଏହା ପ୍ରଥମ ଥର ଯେ, ଏକ ଆୟୋଜକ ଦେଶ ଏପରି ଏକ ଦଳକୁ ସ୍ୱାଗତ କରୁଛି ଯାହା ସହିତ ଯୁଦ୍ଧ କରୁଛି। ଜୁନ୍ ୧୫ ତାରିଖରେ ଲସ୍ ଆଞ୍ଜେଲସ୍‌ରେ ଇରାନର ପ୍ରଥମ ମ୍ୟାଚ୍ ପୂର୍ବରୁ ସମସ୍ତ ଖେଳାଳି ଏବଂ ଜରୁରୀ ସହାୟକ କର୍ମଚାରୀଙ୍କୁ ଭିସା ପ୍ରଦାନ କରାଯାଇଥିବା ଆମେରିକୀୟ ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ତେବେ ଆମେରିକା ଏହା ମଧ୍ୟ ଦୃଢ଼ ଭାବରେ କହିଛି ଯେ ମିଥ୍ୟା ବାହାନାରେ ଆମେରିକାରେ ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରାଇବା ପାଇଁ ଇରାନକୁ ଏହି ବ୍ୟବସ୍ଥାର ଫାଇଦା ଉଠାଇବାକୁ ଅନୁମତି ଦିଆଯିବ ନାହିଁ।

ଫେଡେରେସନର ପ୍ରଶାସନିକ ଅଧିକାରୀ ଏବଂ ପୂର୍ବତନ ସୈନିକଙ୍କ ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ଇରାନ ଅଭିଯୋଗ କରିଛି ଯେ, ଆମେରିକା ଜାଣିଶୁଣି ପ୍ରମୁଖ ଦଳର ସଦସ୍ୟମାନଙ୍କୁ ଅବରୋଧ କରିଛି, ଯାହାଙ୍କ ବିନା ଦଳର କାର୍ଯ୍ୟ କରିବା କଷ୍ଟକର। ତୁର୍କୀରେ ଥିବା ଇରାନୀ ଦୂତାବାସ ଅନୁଯାୟୀ, ଆମେରିକା ପରିଚାଳନା, କାର୍ଯ୍ୟନିର୍ବାହୀ କର୍ମଚାରୀ ଏବଂ ବୈଷୟିକ ପରାମର୍ଶଦାତାଙ୍କ ଏକ ବଡ଼ ଦଳକୁ ଭିସା ଦେବାକୁ ମନା କରିଛି। ଏହା ଏକ ସମ୍ପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନିଷ୍ପତ୍ତି। ଇରାନୀ ଗଣମାଧ୍ୟମ ଅନୁଯାୟୀ, ଭିସା ମନା କରାଯାଇଥିବା ଲୋକଙ୍କ ମଧ୍ୟରେ ଫୁଟବଲ୍ ଫେଡେରେସନର ସଭାପତି, ତାଙ୍କ ଡେପୁଟି ଏବଂ ମିଡିଆ ନିର୍ଦ୍ଦେଶକଙ୍କ ସହିତ ପ୍ରାୟ ୧୫ ଜଣ ପ୍ରଶାସନିକ ଅଧିକାରୀ ସାମିଲ ଅଛନ୍ତି। ଏହି କଟକଣା ସତ୍ତ୍ୱେ, ଇରାନୀ ଦଳ ଶନିବାର ତୁର୍କୀରେ ଥିବା ଏହାର ତାଲିମ କେନ୍ଦ୍ରରୁ ମେକ୍ସିକୋ ଅଭିମୁଖେ ଯାତ୍ରା କରିଛି, ଯେଉଁଠାରେ ଏହା ବିଶ୍ୱକପ୍ ସମୟରେ ଏହାର ମୁଖ୍ୟ କେନ୍ଦ୍ର ହେବ। ପ୍ରାୟ ୨୦ ଘଣ୍ଟାର ଯାତ୍ରା ପରେ, ଦଳ ମେକ୍ସିକୋରେ ପହଞ୍ଚିବାର ଆଶା କରାଯାଉଛି।

# ଦର୍ଶକଙ୍କ ଅସନ୍ତୋଷରେ ମୁଣ୍ଡ ନୁଆଁଇଲା ଫିଫା

**ନ୍ୟୁୟର୍କ**

ଆଗାମୀ ବିଶ୍ୱକପ୍ ପାଇଁ ଫିଫା ଦର୍ଶକଙ୍କ ପାଇଁ ଏକ କଠୋର ନିୟମ ଲାଗୁ କରିଥିଲା। ଷ୍ଟାଡ଼ିୟମ୍ ଭିତରକୁ ପାଣି ବୋତଲ ନେବା ଉପରେ ପ୍ରତିବନ୍ଧକ ଲଗାଇଥିଲା ଫିଫା। ମାତ୍ର ଦର୍ଶକଙ୍କ ଅସନ୍ତୋଷ ତେଜିବା ପରେ ଫିଫା ମୁଣ୍ଡ ନୁଆଁଇଛି। ପାଣି ବୋତଲ ନେଇ ଷ୍ଟାଡିୟମ୍‌ରେ ପ୍ରବେଶ କରିବାକୁ ମିଳିଛି ଅନୁମତି। ମାତ୍ର ଦର୍ଶକମାନେ କେବଳ ଠିପି ସିଲ୍ ଥିବା ପାଣି ବୋତଲ ନେଇ ପାରିବେ। ଜଣେ ଦର୍ଶକ କେବଳ ଗୋଟିଏ ପାଣି ବୋତଲ ନେଇ ଗ୍ରାଉଣ୍ଡରେ ପ୍ରବେଶ କରିପାରିବେ। ଏହି ବୋତଲରେ ୫୯୦ ମିଲି ଲିଟର ପାଣି ରହି ପାରିବ। ଆବଶ୍ୟକ ପଡ଼ିଲେ ଷ୍ଟାଡ଼ିୟମ୍ ଭିତରେ ନିଜ ନିଜ ବୋତଲରେ ପାଣି ଭରି ପାରିବେ। ସୂଚନାଯୋଗ୍ୟ, ବିଶ୍ୱକପ୍ ସମୟରେ ଆମେରିକାରେ ଅସହ୍ୟ ଗରମ ଅନୁଭୂତ ହେବ। ତେଣୁ ପାଣି ବୋତଲ ନେଇ ଦର୍ଶକ ଗ୍ରାଉଣ୍ଡ ଭିତରେ ପ୍ରବେଶ କରିବା ପାଇଁ ପୂର୍ବରୁ ଅନୁମତି ମିଳି ସାରିଥିଲା। ହେଲେ ସପ୍ତାହେ ପୂର୍ବରୁ ଫିଫା ପାଣି ବୋତଲ ଉପରେ ପ୍ରତିବନ୍ଧକ ଲଗାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ଫିଫା ଏହି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲା। ଦର୍ଶକଙ୍କଠୁ ଆରମ୍ଭ କରି ୟୁଏସଏର ଶାସକ ମହଲ ପର୍ଯ୍ୟନ୍ତ ଫିଫାର ଏହି ପାଣି ବୋତଲ ଉପରେ ଲଗା ଯାଇଥିବା ପ୍ରତିବନ୍ଧକକୁ ତୀବ୍ର ସମାଲୋଚନା କରାଯାଇଥିଲା।

# ଇଂଲଣ୍ଡଠୁ ୧୧୫ ରନ୍‌ରେ ହାରିଲା ନ୍ୟୁଜିଲାଣ୍ଡ



**ଲର୍ଡ୍ସ**

ଲର୍ଡ୍ସରେ ଖେଳାଯାଇଥିବା ଐତିହାସିକ ୧୫୦ତମ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୧୧୫ ରନ୍‌ରେ ପରାସ୍ତ କରିଛି ଇଂଲଣ୍ଡ। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଇଂଲଣ୍ଡର ପେସ୍ ବାହିନୀ ଆଗରେ ପୁଣି ଥରେ ବିଫଳ ହୋଇ ଆତ୍ମସମର୍ପଣ କରିଥିଲେ ନ୍ୟୁଜିଲାଣ୍ଡ ବ୍ୟାଟର। ଶନିବାର ତୃତୀୟ ଦିବସର ଖେଳ ବର୍ଷା ଯୋଗୁଁ ବନ୍ଦ ହେବାବେଳକୁ ୨୫୪ ରନ୍ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ୫ ୱିକେଟ୍ ହରାଇ ୫୫ ରନ୍‌ରେ ସଂଘର୍ଷ କରୁଥିଲା। ରବିବାର ଚତୁର୍ଥ ଦିନରେ ବି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ସଂଘର୍ଷ ଜାରି ରହିଥିଲା। ଓପନର ଡେଭନ କନୱେ ୪୧ ରନ୍ କରି ବେନ୍ ଷ୍ଟୋକ୍ସଙ୍କ ଶିକାର ହୋଇଥିବାବେଳେ କେନ୍ ୱିଲିୟମସନ୍ ୧୮ ରନ୍ କରିଥିଲେ। ଦଳର ମଧ୍ୟକ୍ରମ ଓ ନିମ୍ନକ୍ରମ ବ୍ୟାଟରମାନେ ପୁଣି ବିଫଳ ହୋଇଥିଲେ।

ତେବେ ଗ୍ଲେନ୍ ଫିଲିପ୍ସ ଇଂଲଣ୍ଡ ବୋଲରଙ୍କ ଉଚିତ ମୁକାବିଲା କରି ଅପରାଜିତ ୪୪ ରନ୍ କରିଥିଲେ। ଭ୍ରମଣକାରୀ ଦଳ ଗତ କାଲିର ସ୍କୋର ୫୫ ରନ୍‌ରେ ଆଉ ୮୩ ରନ୍ ଯୋଗ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ପକ୍ଷରୁ ଆଟକିନ୍‌ସନ ୫ ୱିକେଟ୍ ନେଇଥିବାବେଳେ ଓଲି ରବିନ୍‌ସନ ଓ ଜୋସ୍ ଟଙ୍ଗ୍ ୨ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଏହି ବିଜୟ ସହ ତିନିଟିକିଆ ଟେଷ୍ଟ ଶୃଙ୍ଖଳାରେ ୧-୦ରେ ଆଗୁଆ ହୋଇଯାଇଛି ଇଂଲଣ୍ଡ। ମୋଟ ସାତ ୱିକେଟ୍ ନେଇଥିବା ଓଲି ରବିନ୍‌ସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

ସଂକ୍ଷିପ୍ତ ସ୍କୋର : ଇଂଲଣ୍ଡ ପ୍ରଥମ ପାଳି: ୧୪୦। ନ୍ୟୁଜିଲାଣ୍ଡ ପ୍ରଥମ ପାଳି ୧୧୩। ଇଂଲଣ୍ଡ ଦ୍ୱିତୀୟ ପାଳି: ୫୬ ଓଭରରେ ୨୨୬ (ଏମିଲିଓ ଗେ'-୫୭, ଜାମି ସ୍ମିଥ୍-୩୯, ବେନ୍ ଡକେଟ୍-୩୩, ଓଲି ରବିନସନ୍-୨୯, ନାଥନ୍ ସ୍ମିଥ୍-୬/୭୦, ୱିଲ୍ ଓ'ରୁର୍କି-୨/୪୬)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳି ୪୦.୩ ଓଭରରେ ୧୩୮ (ଗ୍ଲେନ୍ ଫିଲିପ୍ସ ୪୪, ଡେଭନ କନ୍‌ୱେ ୪୧, କେନ୍ ୱିଲିୟମ୍‌ସନ୍ ୧୮, ଗସ ଆଟକିନସନ୍-୫/୩୦, ଓଲି ରବିନସନ୍ ୨/୩୮, ଜୋସ ଟଙ୍ଗ୍-୨/୪୮)।

## ଜେସିଏ କପ୍ ସିଜିନ୍-୨

# ଖୋର୍ଦ୍ଧା (କେସିଏ) ଚାମ୍ପିଅନ୍




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜଟଣୀ କଲେଜ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ବର୍ଗର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟାର କଟକକୁ ୩୧ ରନ୍‌ରେ ପରାସ୍ତ କରି ଖୋର୍ଦ୍ଧା କ୍ଲବ୍ ଚାମ୍ପିଅନ ହୋଇଛି। ଟିମ୍ ଖୋର୍ଦ୍ଧା ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଶୁଭାଦିତ୍ୟ ପଣ୍ଡା ୬୨ ବଲ୍‌ରେ ୭୯ ରନ୍ (୧୩ ଚୌକା), ଜଗନ୍ନାଥ ବେହେରା ୧୭ ବଲରେ ୨୮ ରନ୍ (୩ ଚୌକା, ୨ ଛକା), ଶୁଭ୍ରାଂଶୁ ୨୦ ବଲ୍‌ରେ ୨୧ ରନ୍ (୩ ଚୌକା) ଏବଂ ଅଗ୍ନି ୧୬ ବଲ୍‌ରେ ୧୮ ରନ୍ (୩ ଚୌକା) ଫଳରେ ୫ ୱିକେଟ୍ ହରାଇ ୧୫୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ରାଇଜିଂ ଷ୍ଟାର୍ କଟକର ଗଗନ ୨, ସୌମ୍ୟଜିତ୍ ଏବଂ ମୁକେଶ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ୧୫୯ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା ରାଇଜିଂ ଷ୍ଟାର କଟକ ଶୁଭମ୍ ଶର୍ମା ୩୭, ଶୈଳେଶ କୁମାର ୩୩ ରନକୁ ଛାଡ଼ିଦେଲେ ଅନ୍ୟ କେହି ବି ଖେଳାଳି ଟିମ୍ ଖୋର୍ଦ୍ଧାର ବୋଲରଙ୍କୁ ସାମ୍ନା କରିନପାରି ୧୭.୫ ଓଭରରେ ୧୨୭ ରନରେ ଅଲଆଉଟ୍ ହୋଇଯାଇଥିଲେ। ଖୋର୍ଦ୍ଧାର ଜଗନ୍ନାତ ବେହେରା ୩ଟି, ଓମ୍ ପ୍ରକାଶ ବେହେରା ୩ଟି ଏବଂ ଜେମ୍ସ ଲିମା ଗୋଟିଏ ୱିକେଟ୍ ଦଖଲ କରିଥିଲା ବେଳେ ୱିକେଟ୍ କିପର ସରୋଜ ରଣା ୨ଟି ଚମତ୍କାର ରନଆଉଟ୍ ଏବଂ ଗୋଟିଏ ଡିସ୍‌ମିଶିଆଲ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ଅଲରାଉଣ୍ଡର ଜଗନ୍ନାଥ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟଅତିଥି ଅଧିନାୟକ ମନ୍ମଥ ରାଉତରାୟ। ନିକଟରେ ଉପସ୍ଥିତ ଥିଲେ ଓଡ଼ିଶା କ୍ରିକେଟ ଆସୋସିଏସନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଅନ୍ୟମାନେ।

# ସଚିନ ତେନ୍ଦୁଲକରଙ୍କ ଭଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ୱତନ୍ତ୍ର ଅନୁମତି ଦେଲା ବିସିସିଆଇ



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୬ରେ ରାଜସ୍ଥାନ ରୟାଲ୍ସ ପାଇଁ ଧୂଆଁଧାର ବ୍ୟାଟିଂ କରି ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଯୁବ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଭାରତୀୟ ଟି-୨୦ ଦଳରେ ସାମିଲ କରାଯାଇଛି। ଖୁବ୍ କମ୍ ବୟସରେ ଅନ୍ତର୍ଜାତୀୟ ସ୍ତରରେ ମିଳିଥିବା ଏହି ବଡ଼ ସଫଳତା ଏବଂ ପ୍ରସିଦ୍ଧି ମଧ୍ୟରେ ଭାରତୀୟ କ୍ରିକେଟ୍ ବୋର୍ଡ ଏକ ସମ୍ବେଦନଶୀଳ ତଥା ବଡ଼ ନିଷ୍ପତ୍ତି ନେଇଛି। ଇଂଲଣ୍ଡ ଏବଂ ଆୟରଲାଣ୍ଡର ଆଗାମୀ ଗସ୍ତରେ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଦୁଇଜଣ ସ୍ୱତନ୍ତ୍ର ବ୍ୟକ୍ତି ମଧ୍ୟ ଟିମ୍ ଇଣ୍ଡିଆ ସହିତ ଯାତ୍ରା କରିବେ।

ବୈଭବ ସୂର୍ଯ୍ୟବଂଶୀ ଏହି ସମୟରେ ଖୁବ୍ ଛୋଟ ଅଛନ୍ତି। ମାତ୍ର ୧୫ ବର୍ଷ ବୟସରେ ହଠାତ୍ ମିଳିଥିବା ଲୋକପ୍ରିୟତା, ଗଣମାଧ୍ୟମର ଦୃଷ୍ଟିଆକର୍ଷଣ ଏବଂ ସିନିୟର ଦଳର ବଡ଼ ଚାପକୁ ସମ୍ଭାଳିବା ଯେକୌଣସି ପିଲା ପାଇଁ ମାନସିକ ସ୍ତରରେ ଆହ୍ୱାନପୂର୍ଣ୍ଣ ହୋଇପାରେ। ଏଭଳି ପରିସ୍ଥିତିରେ ବିସିସିଆଇ ନିଷ୍ପତ୍ତି ନେଇଛି ଯେ ଇଂଲଣ୍ଡ ଏବଂ ଆୟରଲ୍ୟାଣ୍ଡର ଆଗାମୀ ଗସ୍ତରେ ବୈଭବ ସୂର୍ଯ୍ୟବଂଶୀଙ୍କ ପିତାମାତା ମଧ୍ୟ ଟିମ୍ ଇଣ୍ଡିଆ ସହିତ ଯାତ୍ରା କରିବେ। ବିଦେଶ ଗସ୍ତରେ ପିତାମାତାଙ୍କ ଉପସ୍ଥିତି ଯୋଗୁଁ ବୈଭବଙ୍କୁ ଘରୋଇ ପରିବେଶ ମିଳିବ ଏବଂ ସେ ନିଜକୁ ଏକାକୀ ଅନୁଭବ କରିବେ ନାହିଁ। ଏଥିସହିତ ବିଦେଶ ଗସ୍ତର ନୂଆ ପରିସ୍ଥିତି ସହ ଖାପ ଖୁଆଇବାରେ ସହାୟତା ମିଳିବ।

ଯେତେବେଳେ ସଚିନ ତେନ୍ଦୁଲକର ୧୯୮୯ ମସିହାରେ ଭାରତ ପାଇଁ ନିଜର ଡେବ୍ୟୁ କରିବାକୁ ପାକିସ୍ତାନ ଯାଇଥିଲେ, ସେତେବେଳେ ତାଙ୍କ ବଡ଼ ଭାଇ ଅଜିତ ତାଙ୍କ ସହିତ ଯାଇଥିଲେ। ସେତେବେଳେ ସଚିନ ତେନ୍ଦୁଲକରଙ୍କ ବୟସ ମାତ୍ର ୧୬ ବର୍ଷ ଥିଲା। ଏଭଳି ପରିସ୍ଥିତିରେ ଭୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ମଧ୍ୟ ବିସିସିଆଇ ଏହି ବଡ଼ ପଦକ୍ଷେପ ନେଇଛି। ବିସିସିଆଇ ସମ୍ପାଦକ ଦେବଜୀତ ସାଇକିଆ କହିଛନ୍ତି, 'ସେ ଏକ ପିଲା, ତେଣୁ ଆମେ ତାଙ୍କ ପିତାମାତାଙ୍କୁ ତାଙ୍କ ସହ ଆୟରଲାଣ୍ଡ ଏବଂ ଇଂଲଣ୍ଡ ଯିବାକୁ ଅନୁମତି ଦେବାକୁ ନିଷ୍ପତ୍ତି ନେଇଛୁ, ଯେପରି ସେମାନେ ତାଙ୍କ ସହିତ ରହିପାରିବେ ଏବଂ ତାଙ୍କୁ ନୂଆ ପରିବେଶ ସହ ଖାପ୍ ଖୁଆଇବାରେ ସାହାଯ୍ୟ କରିପାରିବେ। ବୋର୍ଡ ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରିବ।'

ବିସିସିଆଇ ଭାରତୀୟ କ୍ରିକେଟ୍ ଦଳର ବିଦେଶ ଗସ୍ତ ଏବଂ ଦୀର୍ଘ ଦିନର ଟୁର୍ଣ୍ଣାମେଣ୍ଟଗୁଡ଼ିକ ପାଇଁ ପରିବାରର ଉପସ୍ଥିତିକୁ ନେଇ କଡ଼ା ନିୟମ ଲାଗୁ କରିଛି। ଖେଳାଳିମାନେ ସମ୍ପୂର୍ଣ୍ଣ ଗସ୍ତ ସମୟରେ ନିଜ ପରିବାର କିମ୍ବା ପତ୍ନୀଙ୍କୁ ସାଙ୍ଗରେ ରଖିପାରିବେ ନାହିଁ। ଯଦି କୌଣସି ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟ ୪୫ ଦିନରୁ ଅଧିକ ଲମ୍ବା ହୋଇଥାଏ, ତେବେ ପରିବାର ସଦସ୍ୟମାନେ ଖେଳାଳିଙ୍କ ସହ କେବଳ ୧୪ ଦିନ ପାଇଁ ରହିପାରିବେ। କିନ୍ତୁ ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ବିସିସିଆଇ ନିଜ ନିୟମରେ ପରିବର୍ତ୍ତନ କରିଛି।

ବୈଭବ ସୂର୍ଯ୍ୟବଂଶୀ ୧୫ ବର୍ଷ ୭୧ ଦିନ ବୟସରେ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି। ଯଦି ତାଙ୍କୁ ପ୍ଲେଇଙ୍ଗ୍ ଇଲେଭେନ୍‌ରେ ସ୍ଥାନ ମିଳେ, ତେବେ ସେ ସବୁଠାରୁ କମ୍ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିବା ଭାରତୀୟ କ୍ରିକେଟର ବନିଯିବେ। ଏହା ପୂର୍ବରୁ ସଚିନ ତେନ୍ଦୁଲକରଙ୍କୁ ଯେତେବେଳେ ଦଳରେ ଚୟନ କରାଯାଇଥିଲା, ସେତେବେଳେ ତାଙ୍କ ବୟସ ୧୬ ବର୍ଷ ୧୯୪ ଦିନ ଥିଲା। ସଚିନ ନିଜର ପ୍ରଥମ ଗସ୍ତରେ ହିଁ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସମପରି ଏକ ସୁଯୋଗ ବୈଭବଙ୍କୁ ମଧ୍ୟ ମିଳିପାରେ।

## ୧୯ ବର୍ଷ ବୟସରେ ବିଶ୍ୱବିଜୟୀ

# ଫ୍ରେଞ୍ଚ ଓପନ୍ ଜିତିଲେ ମିରା ଆଣ୍ଡ୍ରିଭା



**ପ୍ୟାରିସ୍**

ମିରା ଆଣ୍ଡ୍ରିଭା ଫ୍ରେଞ୍ଚ ଓପନ୍ ୨୦୨୬ ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସର ଷ୍ଟେଡ୍ ରୋଲାଣ୍ଡ ଗାରୋସଠାରେ ଫ୍ରେଞ୍ଚ ଓପନର ମହିଳା ସିଙ୍ଗଲ୍ସ ଫାଇନାଲ୍ ଖେଳାଯାଇଥିଲା। ଏହି ଫାଇନାଲରେ ଋଷର ଏହି ୧୯ ବର୍ଷୀୟା ଖେଳାଳି ପୋଲାଣ୍ଡର ମାଜା ଚାଭାଲିନସ୍କାଙ୍କୁ ସିଧାସଳଖ ସେଟ୍‌ରେ ୬-୩, ୬-୨ ରେ ପରାସ୍ତ କରିଛନ୍ତି। ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିବା ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଆଣ୍ଡ୍ରିଭା ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡ ସ୍ଲାମ ଟାଇଟଲ୍ ହାସଲ କରିଛନ୍ତି। ମିରା ଆଣ୍ଡ୍ରିଭାଙ୍କର ଏହା ପ୍ରଥମ ଗ୍ରାଣ୍ଡ ସ୍ଲାମ ଫାଇନାଲ ମଧ୍ୟ ଥିଲା।

ମିରା ଆଣ୍ଡ୍ରିଭା ବିଗତ ୩୪ ବର୍ଷ ମଧ୍ୟରେ ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ୍ ଜିତିଥିବା ସବୁଠାରୁ କମ୍ ବୟସ୍କ ଖେଳାଳି ହୋଇପାରିଛନ୍ତି। ଏହାପୂର୍ବରୁ ମୋନିକା ସେଲେସ୍ ୧୯୯୦ ମସିହାରେ ୧୬ ବର୍ଷ ବୟସରେ ଏହି ଟାଇଟଲ୍ ଜିତିଥିଲେ। ଆଣ୍ଡ୍ରିଭା ହେଉଛନ୍ତି ୨୦୦୫ ମସିହା ପରେ ଜନ୍ମଗ୍ରହଣ କରିଥିବା ପ୍ରଥମ ଖେଳାଳି, ଯିଏକି କୌଣସି ଗ୍ରାଣ୍ଡ ସ୍ଲାମ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି।

ମିରା ଆଣ୍ଡ୍ରିଭା ପ୍ରଥମେ ୨୦୨୩ ମାଡ୍ରିଡ୍ ଓପନ୍‌ରେ ଚର୍ଚ୍ଚାକୁ ଆସିଥିଲେ। ସେତେବେଳେ ୧୫ ବର୍ଷ ବୟସରେ ସେ ଡବ୍ଲୁଟିଏ ୧୦୦୦ ସ୍ତରର ମୁଖ୍ୟ ଡ୍ର ମ୍ୟାଚ୍ ଜିତିବା ସହ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ। ୟୁକ୍ରେନ ଯୁଦ୍ଧ କାରଣରୁ ଋଷର ଖେଳାଳିଙ୍କ ଉପରେ ଥିବା କଟକଣା ଯୋଗୁଁ ଆଣ୍ଡ୍ରିଭା ଜଣେ ନିରପେକ୍ଷ ଖେଳାଳି ଭାବରେ ଖେଳୁଥିଲେ ଏବଂ ତାଙ୍କୁ ନିଜ ଦେଶର ପତାକା ବ୍ୟବହାର କରିବାର ଅନୁମତି ନଥିଲା। ସେମିଫାଇନାଲରେ ସେ ୟୁକ୍ରେନର ମାର୍ତା କୋଷ୍ଟ୍ୟୁକଙ୍କୁ ପରାସ୍ତ କରିଥିଲେ। ଯେଉଁଠାରେ ମ୍ୟାଚ୍ ପରେ କୋଷ୍ଟ୍ୟୁକ ହାତ ମିଳାଇବାକୁ ମନା କରିଦେଇଥିଲେ। ୨୪ ବର୍ଷୀୟା ମାଜା ଚାଭାଲିନସ୍କା କ୍ୱାଲିଫାୟର୍ ଭାବରେ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରବେଶ କରିଥିଲେ। ଇତିହାସ ରଚିବାର ସୁଯୋଗ ତାଙ୍କ ପାଖରେ ଥିଲେ ମଧ୍ୟ ସେ ଅଳ୍ପକେ ବଞ୍ଚିତ ହୋଇଥିଲେ। ଏହା ପୂର୍ବରୁ ସେ ମାତ୍ର ଦୁଇଥର ଗ୍ରାଣ୍ଡ ସ୍ଲାମର ମୁଖ୍ୟ ରାଉଣ୍ଡରେ ସ୍ଥାନ ପାଇଥିଲେ, ଯେଉଁଥିରେ ୨୦୨୨ ୱିମ୍ବଲଡନର ଦ୍ୱିତୀୟ ରାଉଣ୍ଡ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

# ମାଟି କାନ୍ଥ ପଡ଼ି ନାବାଳିକା ମୃତ

**କୁଚିଣ୍ଡା, ନ୍ୟୁଜ୍‌ବ୍ୟୁରୋ**

କିଏ ଜାଣିଥିଲା ଖେଳୁ ଖେଳୁ ଜୀବନ ଚାଲିଯିବ ବୋଲି ! ଖେଳିବା ବେଳେ ମାଡ଼ିବସିଲା କାନ୍ଥ। ଚାଲିଗଲା ଗୋଟିଏ ନିରୀହ ଜୀବନ। ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଜରାବଗା ଗାଁରେ। ଶୁକ୍ରବାର ଦିନ ସକାଳ ପ୍ରାୟ ୯ଟା ସମୟରେ ଗାଁର ମଞ୍ଜିଲ ପଟେଲଙ୍କ ଘର ପାଖରେ ଖେଳୁଥିଲେ ମଞ୍ଜିଲ ପଟେଲଙ୍କ ପୁଅ ମୟଙ୍କ ପଟେଲ ଓ ପଡ଼ୋଶୀ ପ୍ରଭାକର ବାଗ୍‌ଙ୍କ ଝିଅ ରୋଲି ବାଗ। ସେହି ସମୟରେ ମଞ୍ଜିଲଙ୍କ ଘରର ମାଟି କାନ୍ଥଟି ହଠାତ୍ ଭାଙ୍ଗିଯାଇ ଖେଳୁଥିବା ଦୁଇ ଶିଶୁଙ୍କ ଉପରେ ପଡ଼ିଯାଇଥିଲା। ଘରର ମାଲିକ ମଞ୍ଜିଲଙ୍କ ପୁଅ ୫ ବର୍ଷୀୟ ମୟଙ୍କ ପଟେଲ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ପଡ଼ୋଶୀ ଘରର ପ୍ରଭାକର ବାଗ୍‌ଙ୍କ ୭ ବର୍ଷର ଝିଅ ରୋଲି ବାଗ୍ ଉପରେ ସମ୍ପୂର୍ଣ୍ଣ ମାଟି କାନ୍ଥଟି ପଡ଼ି ଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହୁଲପାଲି ପୋଲିସ ଖବର ପାଇ ଘଟଣାର ଅଧିକ ତଦନ୍ତ କରୁଥିବାବେଳେ ନିଷ୍ପାପ ଶିଶୁର ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି ପୂରା ପରିବାରରେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୨ ହଜାର କୋଟି ...

ପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ସହିତ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି। ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ। ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଉଛି। ଆମର ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ କେବଳ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବ ନାହିଁ, ବରଂ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଡେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଧିକା, ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଗଡ଼ା ଏବଂ ନୂଆପଡ଼ା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଯେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ପୂର୍ବରୁ କୌଣସି ସରକାର ଆନ୍ତରିକତାର ସହ କାମ କରୁନଥିଲେ। ଗୋଦାବରୀଶ ମିଶ୍ରଙ୍କ ନାମରେ ଏହି ଯେଉଁ ଅଭିନବ ଯୋଜନା ଆରମ୍ଭ ହୋଇଛି, ଆଗାମୀ ଦିନରେ ଏହା ମାଧ୍ୟମରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ୨ ବର୍ଷ ମଧ୍ୟରେ ୨୬,୦୦୦ ସ୍କୁଲକୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଯୋଡ଼ି ହୋଇଥିଲେ। ଖୋର୍ଦ୍ଧା କୁମାରବସ୍ତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଜିଲ୍ଲାପାଳ ଖୋର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ବଢିଲା ...

ଦରବୃଦ୍ଧି ବୋଲି ସୂଚନା ମିଳିଛି। ଫଳରେ ଦିଲ୍ଲୀରେ ଗ୍ୟାସ୍ ସିଲିଣ୍ଡର ଦର ୯୧୩ ଟଙ୍କାରୁ ୯୪୨ ଟଙ୍କାକୁ ବୃଦ୍ଧି ପାଇଛି। ଏହି ମୂଲ୍ୟବୃଦ୍ଧି ଉଭୟ ରିହାତିଯୁକ୍ତ ଓ ରିହାତିବିହୀନ ଏଲପିଜି ସିଲିଣ୍ଡର ଉପଭୋକ୍ତାଙ୍କ ଉପରେ ଲାଗୁ ହେବ। ତେବେ ସ୍ଥାନୀୟ ଟିକସ ଓ ପରିବହନ ଖର୍ଚ୍ଚ ଆଧାରରେ ଏହି ନୂତନ ଦର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିବ। ପଶ୍ଚିମ ଏସିଆରେ ଯୁଦ୍ଧ ସଙ୍କଟ ଓ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁଁ ଏଲପିଜି ଓ ଏଲଏନଜି ଯୋଗାଣ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଫଳରେ ତୈଳ କମ୍ପାନୀ ଗୁଡିକ ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି କରିଛନ୍ତି। ନିକଟରେ ବ୍ୟାବସାୟିକ ଗ୍ୟାସ୍ ସିଲିଣ୍ଡର ଦର ମଧ୍ୟ ବୃଦ୍ଧି କରାଯାଇଥିଲା। ଗତ ମାର୍ଚ୍ଚ ୭ ତାରିଖରେ କେନ୍ଦ୍ର ସରକାର ଘରୋଇ ଏଲପିଜି ସିଲିଣ୍ଡର ଉପରେ ୬୦ ଟଙ୍କା ବୃଦ୍ଧି କରିଥିଲେ। ତୈଳ କମ୍ପାନୀଙ୍କ ସୂଚନାନୁଯାୟୀ, ସଂପ୍ରତି ପ୍ରତି ଗ୍ୟାସ୍ ସିଲିଣ୍ଡର ଉପରେ କମ୍ପାନୀ ପାଖାପାଖି ୭୦୩ ଟଙ୍କା କ୍ଷତି ସହୁଛନ୍ତି। ତେବେ ଆଜିର ଦର ବୃଦ୍ଧି ଖାଉଟିଙ୍କ ଉପରେ ଆର୍ଥିକ ଚାପ ପକାଇବାକୁ ଥିବାବେଳେ ତୈଳ କମ୍ପାନୀଙ୍କ ଆର୍ଥିକ ବୋଝକୁ କିଛି ପରିମାଣରେ ହ୍ରାସ କରିବ ବୋଲି ସୂଚନା ଦିଆଯାଇଛି।

## ଇସ୍ରାଏଲ୍ ଆକ୍ରମଣରେ...

ସାର୍ବଭୌମତ୍ୱ ଉପରେ ଆକ୍ରମଣ ବୋଲି କହିଛନ୍ତି। ଅନେକ ଦେଶ ମଧ୍ୟ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି।

ଜୁନ ୬, ଅଲ୍ ଜଜିରା ରିପୋର୍ଟ କରିଛି ଯେ ଇସ୍ରାଏଲ ଲେବାନନ୍ ଉପରେ ବିନାଶ କରିଛି। ଲେବାନନ୍ ସେନା ନିଶ୍ଚିତ କରିଛି ଯେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ ଖାରଦାଲି-ନବାତିହ ରାସ୍ତାରେ ଅଭେଦ୍ୟ ବୋଲି ବିବେଚନା କରାଯାଉଥିବା ଏକ ସାମରିକ ଯାନକୁ ନଷ୍ଟ କରିଦେଇଛି। ସେନାର ସର୍ବୋଚ୍ଚ କମାଣ୍ଡର, କ୍ୟାପଟେନ ଏବଂ ଜାହାଜରେ ଥିବା ଜଣେ ସୈନିକ ନିହତ ହୋଇଥିଲେ। ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇ. ଡି. ଏଫ୍.) କହିଛି ଯେ ଆକ୍ରମଣଟି ଏକ ସକ୍ରିୟ ଯୁଦ୍ଧ କ୍ଷେତ୍ରରେ ଘଟିଛି। ଏହି ଅଞ୍ଚଳରେ ଗତିବିଧି ପାଇଁ ଇସ୍ରାଏଲ ସେନା ସହିତ ସମନ୍ୱୟ ଆବଶ୍ୟକ। ଏହି ଘଟଣାର ତଦନ୍ତ ଚାଲିଛି ବୋଲି ଆଇ. ଡି. ଏଫ୍. କହିଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ...

ରହିଛନ୍ତି। ପାକିସ୍ତାନ ଏବଂ ୟୁରୋପୀୟ ସଂଘ ଯୁଦ୍ଧକୁ ରୋକିବା ପାଇଁ କୂଟନୈତିକ ସ୍ତରରେ ଆଲୋଚନା ଜାରି ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଜାତିସଂଘ ଏହି ଯୁଦ୍ଧକୁ ନିୟନ୍ତ୍ରଣ ବାହାରେ ବୋଲି ଘୋଷଣା କରିଥିଲେ ମଧ୍ୟ ବିଶ୍ୱ ଶକ୍ତିଙ୍କ ମଧ୍ୟରେ ଥିବା ଆନ୍ତରିକ କନ୍ଦଳ ଯୋଗୁଁ କୌଣସି ଦୃଢ଼ ପଦକ୍ଷେପ ନେଇପାରୁ ନାହିଁ।

## ଭାରତୀୟ ଇକ୍ୱିଟି ...

ମସିହାର ୬ ମାସରୁ କମ୍ ସମୟ ମଧ୍ୟରେ ବିପୁଳ ରାଶି ଉଠାଇ ନେଇଛନ୍ତି। ୨୦୨୬ର ଫେବୃୟାରୀକୁ ଛାଡ଼ି ଦେଲେ ଅନ୍ୟ ସବୁ ମାସରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ନିବେଶ ତୁଳନାରେ ଅଧିକ ରାଶି ପ୍ରତ୍ୟାହାର କରି ନେଇଛନ୍ତି।

ଫେବୃୟାରୀ ମାସରେ ସେମାନେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ ଯାହାକି ୧୭ ମାସ ମଧ୍ୟରେ ସର୍ବାଧିକ ରହିଥିଲା। କିନ୍ତୁ ମାର୍ଚ୍ଚ ମାସରେ ରେକର୍ଡ ୧.୧୭ ଲକ୍ଷ କୋଟି, ଏପ୍ରିଲରେ ୬୦,୮୪୭ କୋଟି ଏବଂ ମେ ମାସରେ ୩୨,୯୬୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ଜୁନ ମାସର ପ୍ରଥମ ସପ୍ତାହରେ ୪୨,୯୨୭ କୋଟି ଟଙ୍କା ସେମାନେ ପ୍ରତ୍ୟାହୃତ କରିଛନ୍ତି।

## ବିଶ୍ୱର ସବୁଠାର...

୧,୦୪୬ ଟଙ୍କା, ନେପାଳରେ ୧,୨୦୭ ଟଙ୍କା, ବାଂଲାଦେଶରେ ପ୍ରାୟ ୧,୨୨୫ ଟଙ୍କା ଏବଂ ଶ୍ରୀଲଙ୍କାରେ ୧,୨୪୧ ଟଙ୍କା ବୋଲି ମନ୍ତ୍ରଣାଳୟ କହିଛି। ଏଥି ସହିତ, ଏହାର ମୂଲ୍ୟ ଆମେରିକାରେ ପ୍ରାୟ ୧,୭୫୫ ଟଙ୍କା, ଅଷ୍ଟ୍ରେଲିଆରେ ୧,୭୬୫ ଟଙ୍କା ଏବଂ କାନାଡାରେ ୨,୪୧୧ ଟଙ୍କା ସହିତ ସମାନ।

ମନ୍ତ୍ରଣାଳୟ ଅନୁଯାୟୀ, ଭାରତ ଏହାର ଏଲପିଜି ଆବଶ୍ୟକତାର ଅଧିକାଂଶ ଆମଦାନୀ କରିଥାଏ ଏବଂ ଏହାର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ସ୍ଥିର ହୋଇଥିବା ସାଉଦି ଚୁକ୍ତି (ସିପି) ମୂଲ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଫେବୃୟାରୀରେ ଏଲ. ପି. ଜି. ର ସାଉଦି ସିପି ଟନ ପିଛା ୫୪୨.୫ ଡଲାର ଥିଲା, ଯାହା ଜୁନ୍ ୨୦୨୬ ଦ୍ୱାରା ଟନ ପିଛା ୭୯୦ ଡଲାରକୁ ବୃଦ୍ଧି ପାଇଥିଲା। ଏହି ଅବଧିରେ ଏହା ପାଖାପାଖି ୪୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି।

ମନ୍ତ୍ରଣାଳୟ କହିଛି ଯେ ପଶ୍ଚିମ ଏସିଆରେ ଉତ୍ତେଜନା ଏବଂ ହରମୁଜ ଷ୍ଟ୍ରେଟରେ ବ୍ୟାଘାତ ସତ୍ତ୍ୱେ ଭାରତ ଏହାର ଶକ୍ତି ଯୋଗାଣ ଶୃଙ୍ଖଳାକୁ ବଜାୟ ରଖିଛି। ଦେଶରେ କୌଣସି ପେଟ୍ରୋଲିୟମ ଉତ୍ପାଦର ଅଭାବ ନଥିଲା ଏବଂ ଏଲ. ପି. ଜି. ର ବୋତଲଜାତକରଣ ଏବଂ ବଣ୍ଟନ ପୂର୍ବପରି ଜାରି ରହିଥିଲା।

ଘରୋଇ ଏଲପିଜି ମୂଲ୍ୟ ବୃଦ୍ଧିର ସମ୍ପୂର୍ଣ୍ଣ ବୋଝ ଗ୍ରାହକଙ୍କ ଉପରେ ପକାଯାଇ ନଥିଲା। ସାର୍ବଜନୀନ କ୍ଷେତ୍ରର ତୈଳ ବିପଣନ କମ୍ପାନୀ ଏବଂ କେନ୍ଦ୍ର ସରକାର ମୂଲ୍ୟ ଏବଂ ଖୁଚୁରା ମୂଲ୍ୟ ମଧ୍ୟରେ ପାର୍ଥକ୍ୟ ବହନ କରୁଛନ୍ତି। ଘରୋଇ ଏଲପିଜି ଉପରେ ମୋଟ ଅଣ୍ଡର-ରିକଭରୀ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରାୟ ୬୦,୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା, ଯାହା ଏକ ବର୍ଷ ପୂର୍ବେ ୪୧,୩୩୮ କୋଟି ଟଙ୍କା ଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ତୈଳ ବିପଣନ କମ୍ପାନୀଗୁଡ଼ିକୁ ୩୦,୦୦୦ କୋଟି ଟଙ୍କାର କ୍ଷତିପୂରଣ ମଞ୍ଜୁର କରିଛନ୍ତି।

ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୧୦୫.୮ ନିୟୁତରୁ ଅଧିକ ଗ୍ୟାସ ସଂଯୋଗ ଦିଆଯାଇଛି।

## ମହାରାଷ୍ଟ୍ର ସମେତ...

ତାମିଲନାଡୁର ରାଜଧାନୀ ଚେନ୍ନାଇରେ କ୍ରମାଗତ ପଞ୍ଚମ ଦିନ ପାଇଁ ପାରଦ ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି।

ଗୁଜୁରାଟ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ଶନିବାର ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ହରିୟାଣା, ହିମାଚଳ ପ୍ରଦେଶ ସମେତ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ଆଇଏମଡିର କହିବା ଅନୁସାରେ, ଆସନ୍ତା ତିନି ଦିନ ମଧ୍ୟରେ ମୌସୁମୀ ଉତ୍ତର-ପୂର୍ବର ସମସ୍ତ ରାଜ୍ୟ ଏବଂ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ପହଞ୍ଚିପାରେ। ଆସନ୍ତା ୧୦ ଦିନ ମଧ୍ୟରେ ଏହା ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାରେ ପହଞ୍ଚିବାର ସମ୍ଭାବନା ରହିଛି।

# କେବଳ ଭଲ ଆୟୋଜକ ଭାବେ ନୁହେଁ, ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାର ଶୀର୍ଷରେ ରହିବେ ଓଡ଼ିଶାର କ୍ରୀଡ଼ାବିତ୍ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କ୍ରୀଡ଼ା କେବଳ, ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ । କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ ଚିନ୍ତନ ଶିବିରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ୍‌ମ୍ୟାପ୍ ଓ ଫ୍ରେମ୍ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ । ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଉତ୍ତମ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ନାମ ରହିବା ଏକ ନିୟମିତ ଘଟଣାରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍ଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ ହେବାକୁ ଯାଉଛି । ଗତବର୍ଷ ସଫଳତାର ସହ 'ୱାର୍ଲଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍' ପ୍ରତିଯୋଗୀତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗୀତା ଓଡ଼ିଶାରେ ଅନୁଷ୍ଠିତ ହେବ। ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି।, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକ ସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରାଯାଉଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ବଣ ମଲ୍ଲୀ ଆଉ ବଣରେ ଫୁଟି ଝଡିଯିବ ନାହିଁ, ଏବେ ସମୟ ଆସିଛି ବଣ ମଲ୍ଲୀ ବିଶ୍ୱ ଦରବାରରେ ମହକିବ । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ଼ା ଯେଦୁଲା ବିଜୟଙ୍କ ସମେତ, କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ ଓ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

# ଓଡ଼ିଶାରେ ଏସଆଇଆର : ୯ ଦିନରେ ୨ କୋଟିରୁ ଅଧିକ ଭୋଟରଙ୍କୁ ଫର୍ମ ବଣ୍ଟନ ଶେଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଓଡ଼ିଶା ଏକ ବଡ଼ ସଫଳତା ହାସଲ କରିଛି । ଏହି ସ୍ୱତନ୍ତ୍ର ଅଭିଯାନର ମାତ୍ର ୯ମ ଦିନ ସୁଦ୍ଧା ରାଜ୍ୟର ୨ କୋଟିରୁ ଅଧିକ ଭୋଟରଙ୍କ ନିକଟରେ ସମ୍ପୃକ୍ତ ଫର୍ମ ପହଂଚାଇବା କାର୍ଯ୍ୟ ସଫଳତାର ସହ ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ଆଜି ସୁଦ୍ଧା ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଭୋଟରଙ୍କୁ ଏହି ଫର୍ମ ବଣ୍ଟନ କରାଯାଇ ସାରିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭୋଟର ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ମାତ୍ର ୯ ଦିନ ଭିତରେ ୨ କୋଟି ୩୧ଲକ୍ଷ ୭୭ ହଜାର ୮୪ ଜଣ ଭୋଟରଙ୍କ ପାଖରେ ପହଂଚିବା ପ୍ରଶାସନର ଦ୍ରୁତ କାର୍ଯ୍ୟଦକ୍ଷତା ଓ ସୁପରିଚାଳନାକୁ ଦର୍ଶାଉଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ପ୍ରକ୍ରିୟାର କଡ଼ା ଅନୁଧ୍ୟାନ କରାଯାଉଥିବା ବେଳେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅତ୍ୟନ୍ତ ନିଷ୍ଠାର ସହ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି । ଯେଉଁ ଯୋଗ୍ୟ ଭୋଟରମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ୍ ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ।

ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍‌ଓ ଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି । ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ। ରାଜ୍ୟର କୌଣସି ବି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବଂଚିତ ନ ହେବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆଗାମୀ କିଛି ଦିନ ମଧ୍ୟରେ ବାକି ରହିଯାଇଥିବା ୩୦ ପ୍ରତିଶତ ଭୋଟରଙ୍କ ନିକଟରେ ଫର୍ମ ପହଂଚାଇ ୧୦୦ ପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

# କ୍ରାଇମବ୍ରାଞ୍ଚ୍ ହାତରେ ସୌମ୍ୟଙ୍କ ଡାଏରୀ, ଖୋଲିବ ସମ୍ପର୍କ, ବିବାଦ, ଆର୍ଥିକ କାରବାର ଗୁମର

**କଟକ, ନ୍ୟୁଜ ବ୍ୟୁରୋ**

ଜିଆରପି କନ୍‌ଷ୍ଟେବଲ୍ ସୌମ୍ୟରଂଜନ ସ୍ୱାଇଁ ଭିଡ଼ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ୍ ହାତରେ ଏକ ଡାଏରୀ ଲାଗିଛି । ଉକ୍ତ ଡାଏରୀଟି ସୌମ୍ୟଙ୍କର ଜଣେ ସାଙ୍ଗ ତଦନ୍ତକାରୀ ଟିମ୍‌କୁ ଦେଇଛନ୍ତି। ଏଥିରେ ସୌମ୍ୟ ନିଜର ନିତିଦିନିଆ ଘଟଣାବଳୀ ଲେଖୁଥିଲେ । ଚାକିରିଠୁ ଆରମ୍ଭ କରି ଜିମ୍, ଆର୍ଥିକ ଦେଣନେଣ ଓ କିଛି ବିବାଦ ସମ୍ପର୍କିତ ବିଷୟ ଏହି ଡାଏରୀରେ ଲେଖାଯାଇଛି । କ୍ରାଇମ୍‌ବ୍ରାଞ୍ଚ୍ ଉକ୍ତ ଡାଏରୀରେ ଉଲ୍ଲେଖ ତଥ୍ୟକୁ ଯାଞ୍ଚ୍ କରୁଛି । ଏଥିରୁ ସୌମ୍ୟଙ୍କ ସମ୍ପର୍କରେ ଥିବା କିଛି ଅସମାହିତ ପ୍ରଶ୍ନ ବିଷୟରେ ଅଧିକ ତଥ୍ୟ ମିଳିପାରେ ବୋଲି କ୍ରାଇମ୍‌ବ୍ରାଞ୍ଚ୍ ଆଶା ରଖିଛି । ସୌମ୍ୟରଂଜନ ଭିଡ଼ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତ କଲା ବେଳେ ସୌମ୍ୟଙ୍କ ସହିତ ସମ୍ପର୍କ ଥିବା ଏକାଧିକ ବ୍ୟକ୍ତିଙ୍କୁ ତଦନ୍ତରେ ସହଯୋଗ କରିବାକୁ ନୋଟିସ୍ କରିଥିଲା। ଏହି କ୍ରମରେ ସୌମ୍ୟଙ୍କ ଘନିଷ୍ଠ ସାଙ୍ଗ ନିଆଳି ଅଞ୍ଚଳର ନିଶିକାନ୍ତ ମହାନ୍ତି ଓ ଅନ୍ୟ କିଛି ଯୁବକ ଶନିବାର ଦିନ କ୍ରାଇମ୍‌ବ୍ରାଞ୍ଚରେ ହାଜର ହୋଇଥିଲେ । ତଦନ୍ତକାରୀ ଟିମ୍ ନିଶିକାନ୍ତ ମହାନ୍ତିଙ୍କୁ ସୌମ୍ୟଙ୍କ ବିଷୟରେ ବିଭିନ୍ନ ପ୍ରଶ୍ନ କରିଛି । ଚାକିରି ପୂର୍ବରୁ ସୌମ୍ୟଙ୍କ ଦୈନନ୍ଦିନ ଜୀବନ କିଭଳି ଥିଲା, ତାଙ୍କର କାହା ସହିତ ବ୍ୟକ୍ତିଗତ ଶତ୍ରୁତା ଥିଲାକି ନାହିଁ, କେଉଁ କାରଣରୁ ସେ ମାନସିକ ଚାପରେ ରହୁଥିଲେ ବୋଲି ପ୍ରଶ୍ନ କରାଯାଇଛି ।ସୌମ୍ୟଙ୍କ ସହିତ ହ୍ୱାଟ୍ସଆପ୍‌ରେ ହୋଇଥିବା କିଛି ଚାଟର ସ୍କ୍ରିନ୍-ସଟ୍ ସହ ଏକ ଡାଏରୀକୁ ନିଶିକାନ୍ତ ଶନିବାର କ୍ରାଇମ୍‌ବ୍ରାଞ୍ଚ୍ ଟିମ୍‌କୁ ଦେଇଛନ୍ତି । ଉକ୍ତ ଡାଏରୀରେ ସୌମ୍ୟ ନିଜର ବ୍ୟକ୍ତିଗତ କଥା ଲେଖୁଥିଲେ । କେଉଁମାନେ ତାଙ୍କୁ ମାନସିକ ଚାପ ଦେଉଥିଲେ ସେନେଇ ମଧ୍ୟ ସୌମ୍ୟ ଡାଏରୀରେ ଉଲ୍ଲେଖ କରିଥିବା ବିଷୟ ନିଶିକାନ୍ତ ଜଣାଇଛନ୍ତି । ଏମିତିକି ଜଣେ ଆଇପିଏସ୍ ଅଧିକାରୀ ଏବଂ ଭୁବନେଶ୍ୱରର ଜିମ୍ ମାଲିକ ବାରମ୍ବାର ଧମକଚମକ ଦେଉଥିବାରୁ ସେ ମାନସିକ ଚାପରେ ରହିବା ସହ ଚାକିରି ଛାଡ଼ିବାକୁ ଚିନ୍ତା କରୁଥିଲେ ବୋଲି ସୌମ୍ୟ ଡାଏରୀରେ ଲେଖିଥିଲେ ବୋଲି ନିଶିକାନ୍ତ କହିଛନ୍ତି । ଅନ୍ୟପଟେ, ପ୍ରତ୍ୟେକ୍ଷଦର୍ଶୀ ଓମ୍ ଏବଂ ଦୁଇ ଯୁବତୀଙ୍କୁ ନେଇ ନିଶିକାନ୍ତ ସାଂଘାତିକ ଅଭିଯୋଗ କରିଛନ୍ତି । ଏପର୍ଯ୍ୟନ୍ତ ତିନି ଜଣଙ୍କୁ କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତ ପରିସରଭୁକ୍ତ କରିନି । ମୃତ ସୌମ୍ୟଙ୍କ ବିରୋଧରେ ଯୁବତୀ ଦୁଇ ଜଣ ଏତଲା ଦେବା ପରେ ପୁଲିସ ତୁରନ୍ତ ମାମଲା ରୁଜୁ କରିଥିଲା । ପୁଲିସର ଏହି ତରବରିଆ ପଦକ୍ଷେପକୁ ନେଇ ନିଶିକାନ୍ତ ପ୍ରଶ୍ନ ଉଠାଇଛନ୍ତି । ଘଟଣାର ନିରପେକ୍ଷ ଭାବେ ତଦନ୍ତ କରାଗଲେ ଭିଡ଼ହତ୍ୟା ପଛର ଷଡ଼ଯନ୍ତ୍ର ସାମ୍ନାକୁ ଆସିବ ବୋଲି ନିଶିକାନ୍ତ ରବିବାର ତଦନ୍ତକାରୀ ଟିମ୍ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ନୂତନ ଓ ଅଭିନବ ସମ୍ପତ୍ତି ମୁଦ୍ରୀକରଣ ମାଧ୍ୟମରେ ପୂର୍ବତଟ ରେଳପଥର ଅଣ-ଭଡ଼ା ରାଜସ୍ୱରେ ଉଲ୍ଲେଖନୀୟ ଅଭିବୃଦ୍ଧି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ଥିକ ସ୍ୱାବଲମ୍ବନ ଏବଂ ଯାତ୍ରୀ-କୈନ୍ଦ୍ରିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଏହାର ସମଗ୍ର ନେଟୱାର୍କରେ ରେଳ ସମ୍ପତ୍ତିର ଅଭିନବ ଏବଂ ବିବିଧ ଉପାୟ ବ୍ୟବହାର କରି ଅଣ-ଭଡ଼ା ରାଜସ୍ୱ ଆୟରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ପାରମ୍ପରିକ ଯାତ୍ରୀ ଏବଂ ମାଲ୍ ପରିବହନ ଆୟରୁ ଊର୍ଦ୍ଧ୍ୱକୁ ଯାଇ, ରେଳବାଇ ଏହାର ଅନେକ ସ୍ୱଳ୍ପ-ବ୍ୟବହୃତ ସମ୍ପତ୍ତି ଏବଂ ସେବା କ୍ଷେତ୍ରକୁ ସଫଳତାର ସହ ଆକର୍ଷଣୀୟ ରାଜସ୍ୱ ଉପାର୍ଜନକାରୀ ମାଧ୍ୟମରେ ରୂପାନ୍ତରିତ କରିଛି; ଯାହା ଯାତ୍ରୀମାନଙ୍କ ସୁବିଧା, ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ପରିବେଶ ସ୍ଥିରତାରେ ମଧ୍ୟ ଯୋଗଦାନ ଦେଉଛି। ଏହି ସଫଳତା ପୂର୍ବତଟ ରେଳପଥର ସେହି ଦୂରଦୃଷ୍ଟିକୁ ପ୍ରତିଫଳିତ କରେ ଯେଉଁଠାରେ ରେଳ ଭିତ୍ତିଭୂମିକୁ କେବଳ ପରିବହନ ସମ୍ପତ୍ତି ଭାବରେ ନୁହେଁ, ବରଂ ଗୋଷ୍ଠୀ-କେନ୍ଦ୍ରିକ ସ୍ଥାନ ଭାବରେ ବିକଶିତ କରାଯାଉଛି, ଯାହା ଯାତ୍ରା ଅଭିଜ୍ଞତାକୁ ସୁଧାରିବା ସହ ଅର୍ଥନୈତିକ ସୁଯୋଗ ସୃଷ୍ଟି କରୁଛି। ସବୁଠାରୁ ଦୃଶ୍ୟମାନ ଓ ଲୋକପ୍ରିୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ରୋଡ୍, ପୁରୀ, ରାୟଗଡ଼ା, ଟିଟିଲାଗଡ଼, ମୁନିଗୁଡ଼ା ଏବଂ ହୀରାକୁଦ ଷ୍ଟେସନରେ କାର୍ଯ୍ୟକାରୀ ହୋଇଥିବା 'ରେଳ କୋଚ୍ ରେଷ୍ଟୁରାଣ୍ଟ' ଅନ୍ତର୍ଭୁକ୍ତ। ସୃଜନଶୀଳ ଭାବେ ପୁନଃବ୍ୟବହୃତ ଏହି କୋଚ୍‌ଗୁଡ଼ିକ ଲୋକପ୍ରିୟ ଭୋଜନସ୍ଥଳୀ ଭାବେ ପରିଚିତ ହୋଇଉଠିଛି। ଏଗୁଡ଼ିକ ଷ୍ଟେସନ ପରିସରର ସୌନ୍ଦର୍ଯ୍ୟବର୍ଦ୍ଧନ, ପର୍ଯ୍ୟଟନର ପ୍ରୋତ୍ସାହନ ଓ ସ୍ଥାନୀୟ ନିଯୁକ୍ତି ସୃଷ୍ଟିରେ ସହାୟକ ହେବା ସହିତ ୧,୩୬,୬୦,୩୬୯ ଟଙ୍କା ରାଜସ୍ୱ ଆଦାୟ କରିଛି। ଯାତ୍ରୀ-କେନ୍ଦ୍ରିକ ଲଜିଷ୍ଟିକ୍ସ ସେବା ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି, ଯେଉଁଥିରେ ତାଳଚେର, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ସମ୍ବଲପୁର ଷ୍ଟେସନରେ ଦୁଇଚକିଆ ଯାନ ପାର୍କିଙ୍ଗ ଚୁକ୍ତି ମାଧ୍ୟମରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଏବଂ ସୁବିଧାଜନକ ପରିବହନ ସମାଧାନ ଯୋଗାଇ ଦିଆଯାଇ ୩୫,୪୮,୬୦୬ ଟଙ୍କା ଆୟ ହୋଇଛି। ଅନୁଗୁଳ ବିଓଏକ୍ସଏସ୍ ଶେଡ୍ ଏବଂ ସରଲା ଠାରେ ୱାଗନ୍ ସଫେଇ ଚୁକ୍ତିରୁ ୭୪,୪୫,୪୫୫ ଟଙ୍କା ରାଜସ୍ୱ ମିଳିଛି, ଯାହା ଉନ୍ନତ ମାଲ୍ ପରିବହନ କାର୍ଯ୍ୟକଳାପ, ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ସ୍ୱଚ୍ଛ ରେଳ ଭିତ୍ତିଭୂମିକୁ ମଧ୍ୟ ସହାୟତା ପ୍ରଦାନ କରିଛି। ଜମି ଲାଇସେନ୍ସ ପ୍ରଦାନ ପଦକ୍ଷେପଗୁଡ଼ିକ ଅଣ-ଭଡ଼ା ଆୟରେ ୬୯.୩୫ ଲକ୍ଷ ଟଙ୍କାର ଯୋଗଦାନ ଦେଇଛନ୍ତି; ଯେଉଁଥିରେ ଜଗଦଲପୁରଠାରେ କାର୍ଗୋ ସମ୍ବନ୍ଧୀୟ ଜମି ଲାଇସେନ୍ସରୁ ୬୧.୦୦ ଲକ୍ଷ ଟଙ୍କା, ହଣ୍ଡପାଠାରେ କୋଇଲା ଗଦା କରିବା ଏବଂ ଲୋଡିଂ କାର୍ଯ୍ୟ ପାଇଁ ଜମି ଲାଇସେନ୍ସରୁ ୬.୮୫ ଲକ୍ଷ ଟଙ୍କା ଏବଂ ସମ୍ବଲପୁର ଡିଭିଜନ ଅଧୀନରେ ଥିବା ବରଗଡ଼ ରୋଡ୍ ଷ୍ଟେସନରେ ଏକ ରେଳ ପୋଖରୀକୁ ଲିଜ୍ ଦେବା ଦ୍ୱାରା ମିଳିଥିବା ୧.୫୦ ଲକ୍ଷ ଟଙ୍କା ସାମିଲ ଅଛି। ପୋଖରୀ ଲିଜ୍ ଦେବା ପଦକ୍ଷେପଟି ବିଶେଷ ଭାବରେ ଉଲ୍ଲେଖନୀୟ, କାରଣ ଏହା ଦର୍ଶାଏ ଯେ କିପରି ରେଳ ସମ୍ପତ୍ତି ପରିବେଶ ସ୍ଥିରତାକୁ ରକ୍ଷା କରିବା ସହିତ ରାଜସ୍ୱ ସୃଷ୍ଟି କରିପାରିବ। ରେଳବାଇ ମାଲିକାନାରେ ଥିବା ଜଳାଶୟଗୁଡ଼ିକର ଉତ୍ପାଦନକ୍ଷମ ବ୍ୟବହାର ଜଳଜ ପରିସଂସ୍ଥାର ସଂରକ୍ଷଣ, ଜବରଦଖଲ ରୋକିବା ଏବଂ ସବୁଜ ପରିବେଶକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ, ଯାହା ସମ୍ପତ୍ତି ମୁଦ୍ରାକରଣ ଏବଂ ପରିବେଶ ପରିଚାଳନା ମଧ୍ୟରେ ଏକ ସନ୍ତୁଳିତ ଏବଂ ଦାୟିତ୍ୱଶୀଳ ଆଭିମୁଖ୍ୟର ପ୍ରତିଫଳନ। ଅଣ-ଭଡ଼ା ରାଜସ୍ୱର ଏହି ଅଭିବୃଦ୍ଧି ପୂର୍ବତଟ ରେଳପଥର ସମ୍ପତ୍ତି ମୁଦ୍ରାକରଣ, ଅଭିନବତା ଏବଂ ଦକ୍ଷ ସମ୍ବଳ ପରିଚାଳନା ଉପରେ ରଣନୈତିକ ଧ୍ୟାନକୁ ସ୍ପଷ୍ଟ କରୁଛି ।

## ବେଦାନ୍ତ ଆଲୁମିନିୟମ ବିଶ୍ୱ ତମାଖୁ ମୁକ୍ତ ଦିବସ ଅବସରରେ

# ତମାଖୁ ସେବନ ସହିତ ଜଡିତ ବିପଦ ବିଷୟରେ ୩୦୦ରୁ ଅଧିକ ଲୋକଙ୍କୁ ସଚେତନ କରିଛି

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**



ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ ସାମୁଦାୟିକ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ମିଳିତ ଭାବରେ ଝାରସୁଗୁଡାରେ ଏକ ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳନ କରିଛି। ଏହି ପଦକ୍ଷେପ ୨୦୨୬ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ଥିମ୍, 'ଆବେଦନକୁ ଉନ୍ମୋଚନ - ନିକୋଟିନ୍ ଏବଂ ତମାଖୁ ନିଶାକୁ ମୁକାବିଲା କରିବା' ସହିତ ସଂଯୁକ୍ତ ହୋଇଥିଲା ଏବଂ ବୃନ୍ଦାମାଲ, ବୁଦୁଲା, ଗୁମକର୍ମା ଏବଂ ବିଶାଦେହି ଗ୍ରାମଗୁଡିକରେ ୩୦୦ ରୁ ଅଧିକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲା। ବିଶ୍ୱ ତମାଖୁ ମୁକ୍ତ ଦିବସର ଲକ୍ଷ୍ୟ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ସହିତ ତମାଖୁ ସେବନର ସ୍ୱାସ୍ଥ୍ୟ, ସାମାଜିକ, ପରିବେଶଗତ ଏବଂ ଆର୍ଥିକ ପରିଣାମକୁ ଉଜାଗର କରିବା। ଏହି ବର୍ଷର ବିଷୟବସ୍ତୁ ସହିତ ବେଦାନ୍ତ ଆଲୁମିନିୟମର ସଚେତନତା କାର୍ଯ୍ୟକ୍ରମ ତମାଖୁ ଏବଂ ନିକୋଟିନ୍ ନିଶା ପଛରେ ଥିବା ବାସ୍ତବତାକୁ ପ୍ରକାଶ କରିବା ଉପରେ ଧ୍ୟାନ ଦେଇଥିଲା। ଏହାର ଲକ୍ଷ୍ୟ ଥିଲା ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସଚେତନ ସ୍ୱାସ୍ଥ୍ୟ ବିକଳ୍ପ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ସମର୍ଥନ ସହିତ ସଶକ୍ତ କରିବା। ସଚେତନତା ଅଧିବେଶନ ଗୁଡ଼ିକ ବେଦାନ୍ତ ଆଲୁମିନିୟମର ମୋବାଇଲ୍ ହେଲ୍ଥ ୟୁନିଟ୍‌ର ଚିକିତ୍ସା ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯେଉଁମାନେ ତମାଖୁ ସେବନ ସହିତ ଜଡିତ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ବିପଦ, ତମାଖୁ ସେବନ ଛାଡିବାର ବ୍ୟବହାରିକ ଉପାୟ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟର ଗୁରୁତ୍ୱ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାର ଲାଭ ଉପରେ ଅଂଶଗ୍ରହଣକାରୀମାନଙ୍କୁ ନିୟୋଜିତ କରିଥିଲେ। ପାରସ୍ପରିକ ଆଲୋଚନା ଏବଂ ପରାମର୍ଶ ଅଧିବେଶନଗୁଡ଼ିକ ମଧ୍ୟ ଅଂଶଗ୍ରହଣକାରୀମାନଙ୍କୁ ତମାଖୁ ସେବନ ଏବଂ ମୁଖ କର୍କଟ, ହୃଦ୍‌ରୋଗ, ଶ୍ୱାସକ୍ରିୟା ରୋଗ ଏବଂ ଅନ୍ୟାନ୍ୟ ଅଣ-ସଂକ୍ରମିତ ରୋଗ ଭଳି ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟରେ ସମ୍ପର୍କ ବୁଝିବାରେ ସାହାଯ୍ୟ କରିଥିଲା। ଏହି ଅବସରରେ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି.ଚନ୍ଦୁ କହିଛନ୍ତି, 'ଏହିପରି କେନ୍ଦ୍ରିତ ସ୍ୱାସ୍ଥ୍ୟ ସଚେତନତା ପଦକ୍ଷେପ ମାଧ୍ୟମରେ, ଆମେ ସୂଚିତ ପସନ୍ଦ, ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଏବଂ ଦୀର୍ଘକାଳୀନ କଲ୍ୟାଣକୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଆମର ସହଭାଗୀତା ତୃଣମୂଳ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଶିକ୍ଷାକୁ ବିସ୍ତାର କରିବାରେ, ସୁସ୍ଥ, ତମାଖୁ ମୁକ୍ତ ସମାଜ ଗଠନ କରିବାରେ ସାହାଯ୍ୟ କରେ।'

ଭୁବନେଶ୍ୱର, ୮ ଜୁନ୍, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ୬ ଦିନିଆ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର ୦୭।୦୬**
**ନ୍ୟୁଜ ବ୍ୟୁରୋ**

୬ ଦିନିଆ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ଫେରିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ତାଙ୍କୁ ବିମାନବନ୍ଦରରେ ଦଳୀୟ କର୍ମୀଙ୍କ ପକ୍ଷରୁ କରାଯାଇଥିଲା ଜୋରଦାର ସ୍ୱାଗତ । ସୂଚନା ଅନୁଯାୟୀ, ଗତ ଦୁଇ ତାରିଖରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଯାଇଥିଲେ। ୬ ଦିନ ପରେ ରବିବାର ଦିନ ମଧ୍ୟାହ୍ନ ସମୟରେ ଭୁବନେଶ୍ୱର ଫେରିଛନ୍ତି ଶ୍ରୀ ପଟ୍ଟନାୟକ । ଏହା ତାଙ୍କର ରୁଟିନ ଭିଜିଟ ଥିଲା। ଏକ ଘରୋଇ କାର୍ଯ୍ୟକ୍ରମରେ ସେ ଦିଲ୍ଲୀ ଯାଇଥିଲେ ବୋଲି ସୂଚନା ଦେଇଛନ୍ତି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର। ଏପଟେ ଶ୍ରୀ ପଟ୍ଟନାୟକଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିବା ପାଇଁ ଦଳୀୟ ନେତା ଉପସ୍ଥିତ ଥିଲେ। ବିମାନବନ୍ଦର ପରିସରରେ କର୍ମୀଙ୍କ ପକ୍ଷରୁ ତାଙ୍କୁ ଜୋରଦାର ସ୍ୱାଗତ କରାଯାଇଛି ।

# ରଥରେ ଛନ୍ଦା ଗୟଳ ମୋଡ଼ା ହୋଇ ଯୋକା ସ୍ଥାପନ ଶେଷ

**ପୁରୀ, ୦୭/୦୬**
**ନ୍ୟୁଜ ବ୍ୟୁରୋ**

ଗୟଳ ମୋଡ଼ା ପରେ ରଥରେ ଯୋକା ସ୍ଥାପନ ହୋଇଛି । ଯୋକାରେ ଖାପ କରି ୪ଟି ବିନ୍ଧ କରାଯାଇଛି। ବିଶ୍ୱକର୍ମା ଓ ଭୋଇସେବକମାନେ ରଥରେ ଯୋକା ସ୍ଥାପନ କରିବା ପରେ ଓଝା ସେବକମାନେ ଯୋକା କଣ୍ଟା ରଥରେ ପିଟିଥିଲେ । ରଥର କୋଣମାନଙ୍କରେ ଯୋକା ଫିଟିଂ କରାଯାଉଛି । ଯୋକା ଦ୍ୱାରା ରଥର ବିଭିନ୍ନ ଅଂଶକୁ ବାନ୍ଧେଣୀ କରାଯାଇଛି। ରଥର ଗୟଳ, ଦଣ୍ଡା ଓ ଅଖକୁ ଯୋକା ବାନ୍ଧି ରଖେ । ଏପଟେ ରଥ ଖଳାରେ ପ୍ରଥମ ଭୂଇଁର ଫ୍ରେମ ପ୍ରସ୍ତୁତ କରୁଛନ୍ତି ନିର୍ମାଣକାରୀ।

ନନ୍ଦିଘୋଷ ଓ ତାଳଧ୍ୱଜର ଯୋକା ସଂଖ୍ୟା ୧୬ ଲେଖାଏଁ। ଦେବଦଳନ ରଥରେ ୧୨ଟି ଯୋକା ଲାଗିଥାଏ । ତାଳଧ୍ୱଜ ରଥର ୪ କୋଣରେ ୪ଟି କରି ୧୬ଟି ଗୁଜ ଓ ସେହି ଅନୁସାରେ ଲାଗିବ ଯୋକା। ନନ୍ଦିଘୋଷ ରଥରେ ସେହି ଅନୁସାରେ ଯୋକା ବୁଲିବ। ଦେବଦଳନ ରଥରେ ୪ କୋଣରେ ୩ଟି କରି ୧୨ଟି ଯୋକା ଲଗାଯାଉଛି । ଦେବଦଳନ, ନନ୍ଦିଘୋଷ ଓ ତାଳଧ୍ୱଜ ରଥରେ ଗୟଳ ପଡ଼ିଲା। ଏହା ପରେ ଗୟଳ ଉପରେ ପଟା ପଡ଼ିଲେ ଚାରିପାର୍ଶ୍ୱକୁ ଗଡ଼ାଣିଆ ରଥର ଚଟାଣ ପ୍ରସ୍ତୁତ ହେବ। ରଥର ୧୪ ନାହାକା ପ୍ରସ୍ତୁତ ରହିଛି। ଚାରିନାହାକା ଉପରେ ଛଅ କାଠ ବୁଲି ଚଉଦ ନାହାକା ବସିବ । ବିଶ୍ୱକର୍ମାଙ୍କ ନିର୍ଦ୍ଦେଶକୁ ଚାହିଁ ଭୋଇ ସେବକମାନେ ରଥ କାର୍ଯ୍ୟରେ ଲାଗିଛନ୍ତି । ଖଳାରେ ଭୂଇଁ ଫ୍ରେମ୍ ପ୍ରସ୍ତୁତ ହୋଇ ନମ୍ବରିଂ ପରେ ରଥ ଉପରେ ଉଠିବ ପ୍ରଥମ ଭୂଇଁ। ରୂପକାର, କରତି ଓ ଓଝା ସେବକମାନେ ମହାପ୍ରଭୁଙ୍କ କାର୍ଯ୍ୟରେ ନିୟୋଜିତ ଅଛନ୍ତି।



# ରାଷ୍ଟ୍ରପତି ଭବନରେ ମା' ବିରଜାଙ୍କ ସେବାୟତ ଦଳ



**ନୂଆଦିଲ୍ଲୀ, ୭/୦୬**

କଥା ଦେଇ କଥା ରଖିଲେ ମହାମହିମ ରାଷ୍ଟ୍ରପତି। ରାଷ୍ଟ୍ରପତି ଭବନକୁ ଡାକି ବକେୟା ପାଉଣା ଦେଲେ ମହାମହିମ ରାଷ୍ଟ୍ରପତି । ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କ ଅତିଥି ସାଜିଲେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଅଙ୍ଗଲାଗି ସେବାୟତ ପ୍ରତିନିଧି ଦଳ। ଚଳିତ ବର୍ଷ ଫେବୃୟାରୀ ୩ତାରିଖରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଓଡ଼ିଶା ଗସ୍ତରେ ଆସି ମା' ବିରଜାଙ୍କ ଦର୍ଶନ କରିଥିଲେ। ମା' ବିରଜାଙ୍କ ଦର୍ଶନ ସାରିବା ପରେ ନାଭିଗୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିଲେ।

ଏହି ସମୟରେ ରାଷ୍ଟ୍ରପତି ବିଧି ମୁତାବକ ଦକ୍ଷିଣା ଦେବାକୁ ଇଚ୍ଛା କରିଥିଲେ। କିନ୍ତୁ ଦକ୍ଷିଣା ରାଷ୍ଟ୍ରପତି ଭବନରୁ ଆଣିବା ସହିତ ସେଇଠି ଭୋଜନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ସେବାୟତ। ସେବାୟତମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସେବାୟତ ପରିଷଦଙ୍କୁ ରାଷ୍ଟ୍ରପତି ଭବନକୁ ଯିବା ପାଇଁ ନିମନ୍ତ୍ରଣ ଆସିଥିଲା। ଗତ ଶନିବାର ଠାରୁ ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣିଙ୍କ ନେତୃତ୍ୱରେ ସଦସ୍ୟମାନେ ରାଷ୍ଟ୍ରପତି ଭବନରେ ପହଞ୍ଚିଥିଲେ। ସାଙ୍ଗରେ ମା' ବିରଜା ମନ୍ଦିରର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ ଥିଲେ। ସେଠାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରିଥିଲେ।

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ଅଭିଯୁକ୍ତଙ୍କୁ ଲୁଚା ଯାଇପାରିବନି ଚାର୍ଜସିଟ୍ ଡକ୍ୟୁମେଣ୍ଟ

**ନୂଆଦିଲ୍ଲୀ, ୭/୬**

ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ କୌଣସି ଅଭିଯୁକ୍ତକୁ ଚାର୍ଜସିଟ୍ (ଅଭିଯୋଗପତ୍ର)ର ଡକ୍ୟୁମେଣ୍ଟ ଦେଖିବା ଅଥବା ପ୍ରାପ୍ତ କରିବାରୁ ବଞ୍ଚିତ କରାଯାଇ ପାରିବନି। କୋର୍ଟ କଡ଼ା ଶବ୍ଦରେ କହିଛନ୍ତି ଯେ ଯଦି ଏହି ଡକ୍ୟୁମେଣ୍ଟକୁ ଲୁଚାଗଲା ତେବେ ଏହା ଅଭିଯୁକ୍ତର ନିରପେକ୍ଷ ଶୁଣାଣି ଅଧିକାର ଉପରେ ଆଘାତ ବୋଲି ବୁଝାଯିବ, ଯାହା ସମ୍ବିଧାନର ଅନୁଚ୍ଛେଦ ୨୧ରେ ଦିଆଯାଇଥିବା ବଞ୍ଚିବାର ଅଧିକାରର ଏକ ଅଂଶବିଶେଷ। ଏହି ଆଦେଶ ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଜେ.କେ.ମାହେଶ୍ୱରୀ ଓ ଜଷ୍ଟିସ୍ ଏ.ଏସ୍.ଚନ୍ଦୁରକରଙ୍କ ପୀଠ ଅବସରପ୍ରାପ୍ତ ମେଜର ଜେନେରାଲ ତଥା 'ର'ର ପୂର୍ବତନ ଅଧିକାରୀ ଭି.କେ. ସିଂହଙ୍କ ନିବେଦନ ଉପରେ ଦେଇଛନ୍ତି। ଶ୍ରୀ ସିଂହଙ୍କ ବିରୋଧରେ ତାଙ୍କର ୨୦୦୭ ମସିହାରେ ପ୍ରକାଶିତ ପୁସ୍ତକ 'ଇଣ୍ଡିଆଜ୍ ଏକ୍ସଟର୍ଣ୍ଣାଲ ଇଣ୍ଟେଲିଜେନ୍ସ-ସିକ୍ରେଟସ୍ ଅଫ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ'ରେ ଗୋପନୀୟ ସୂଚନା ପ୍ରକାଶନ କରିବା ନିମନ୍ତେ ଅଫିସିଆଲ ସିକ୍ରେଟସ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ସିବିଆଇ ତାଙ୍କୁ ଚାର୍ଜସିଟ୍ ଡକ୍ୟୁମେଣ୍ଟ ଅତ୍ୟଧିକ ସମ୍ବେଦନଶୀଳ ଓ ଜାତୀୟ ସୁରକ୍ଷା ନିମନ୍ତେ ବିପଦଜନକ କହି ଶ୍ରୀ ସିଂହଙ୍କୁ ଦେବାକୁ ବିରୋଧ କରିଥିଲା। ହେଲେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯେହେତୁ ଏହି ଡକ୍ୟୁମେଣ୍ଟ ଚାର୍ଜସିଟ୍‌ର ଅଂଶବିଶେଷ ଓ ଅଭିଯୁକ୍ତ ବିରୋଧରେ ଉପଯୋଗ ହେଉଛି ଏଣୁ ଏହାକୁ ରୋକା ଯାଇ ପାରିବନି।

କୋର୍ଟ ଶ୍ରୀ ସିଂହଙ୍କୁ ଅତ୍ୟଧିକ ଗୋପନୀୟ ଡକ୍ୟୁମେଣ୍ଟର କେବଳ ଟାଇପ କରା କପି ଦେବା ପାଇଁ ସିବିଆଇର ପ୍ରସ୍ତାବକୁ ସ୍ୱୀକାର କରିଛନ୍ତି। ଏ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ ହାଇକୋର୍ଟଙ୍କ ସେହି ପୁରୁଣା ଆଦେଶକୁ ଓଲଟାଇ ଦେଇଛନ୍ତି ଯେଉଁଥିରେ ଶ୍ରୀ ସିଂହଙ୍କୁ କେବଳ ଡକ୍ୟୁମେଣ୍ଟ ନିରୀକ୍ଷଣ କରିବାକୁ ଅନୁମତି ଦିଆଯାଇଥିଲା। ଏବେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଭି.କେ. ସିଂହଙ୍କୁ ଦୁଇମାସ ମଧ୍ୟରେ ଏହି କପି ଦିଆଯାଉ। ତେବେ ଦେଶର ସାର୍ବଭୌମତ୍ୱକୁ ଦୃଷ୍ଟିରେ ରଖି କୋର୍ଟ ଏକ କଡ଼ା ସର୍ତ୍ତ ମଧ୍ୟ ରଖିଛନ୍ତି। ତାହା ହେଉଛି ଶ୍ରୀ ସିଂହ ଏହି କପିକୁ କୌଣସି ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଅଥବା ଡିଜିଟାଲ ମିଡିଆରେ ଯେପରି ସାର୍ବଜନିକ ନ କରନ୍ତି। ଏଥି ଲାଗି ତାଙ୍କୁ ଟ୍ରାୟଲ କୋର୍ଟରେ ଏକ ମାସ ମଧ୍ୟରେ ଏକ ଆଫିଡେଭିଟ୍ ଦାଖଲ କରିବାକୁ ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି।



# କିନ୍ନରଙ୍କ ମାଡ଼ରେ ଯୁବକ କୋମାରେ : ୨ ଅଟକ

**ଭୁବନେଶ୍ୱର,୦୭/୦୬**
**ନ୍ୟୁଜ ବ୍ୟୁରୋ**

କିନ୍ନରଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ସେ କୋମାରେ ଥିବା ଜଣାପଡ଼ିଛି। ପୁଲିସ ଆକ୍ରମଣକାରୀ ୨ କିନ୍ନରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ନୂଆପଲ୍ଲୀ ଥାନା ପୁଲିସ ସୂଚନା ଅନୁଯାୟୀ, ବିଳମ୍ବିତ ରାତି ପ୍ରାୟ ୧୨ଟା ବେଳେ ଦୁଇଜଣ ଯୁବକ ଏକ ବାଇକରେ ସିଆରପି ଛକ ଦେଇ ଯାଉଥିଲେ । ଏହି ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା କିଛି କିନ୍ନର ସେମାନଙ୍କୁ ଠାରି ଡାକିଥିଲେ। ଦୁଇ ଯୁବକ ସେଠାରେ ଅଟକିବା ପରେ କିନ୍ନରମାନେ ପଛରେ ବସିଥିବା ଯୁବକକୁ ଘୋଷାଡ଼ି ନେଇଥିଲେ । ତାଙ୍କଠାରୁ ଟଙ୍କା ଓ ମୋବାଇଲ ଛଡ଼ାଇ ନେଇଥିଲେ। ଯୁବକ ଜଣଙ୍କ ପ୍ରତିବାଦ କରିବାରୁ କିନ୍ନରମାନେ ତାଙ୍କୁ ମାଡ଼ମାରି ତଳେ ପକାଇ ଦେଇଥିଲେ। ତଳେ ପଡ଼ିଯିବା ପରେ ତାଙ୍କୁ ବିଧା ଗୋଇଠା ମାରି ଚାଲିଥିଲେ । ଶେଷରେ ଯୁବକଙ୍କ ମୁଣ୍ଡକୁ ହେଲମେଟ୍‌ରେ ପିଟି ଦେଇଥିଲେ । ଏହି ସମୟରେ ଯୁବକଙ୍କ ସାଙ୍ଗ ଭୟରେ ସେଠାରୁ ଖସି ପଳାଇଥିଲେ। ସେହିବାଟ ଦେଇ ଯାଉଥିବା ବାଇକ୍ ଆରୋହୀ ଏବଂ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନଙ୍କୁ କିନ୍ନରମାନେ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ବିଭିନ୍ନପ୍ରକାର ଧମକଚମକ ଦେଇଥିଲେ। ଲୋକେ ପୁଲିସକୁ ଖବର ଦେଇଥିଲେ। ପିସିଆର ପୁଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇ ଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ବେଳେ ଏବେ ସେ କୋମାରେ ଥିବା ହସ୍ପିଟାଲ ସୂତ୍ରରୁ ସୂଚନା ମିଳିଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୭/୦୬/୨୦୨୬
୬,୬୨,୯୪୭/- ଟଙ୍କା
ସୁନା:- ୦୧ ଗ୍ରାମ୍ ୮୫୦ ମିଲିଗ୍ରାମ
ରୂପା:- ୫୫ଗ୍ରାମ୍ ୦୦୦ ମିଲିଗ୍ରାମ

## ଓସ୍ୱାଲି ବୁଲି ଦେଖିଲେ ବ୍ରିକ୍ସ ପ୍ରତିନିଧି ଦଳ

# ଓଡ୍ରାଫ୍‌ର ବିପର୍ଯ୍ୟୟ ପରିଚାଳନା ଓ ରଣକୌଶଳକୁ ପ୍ରଶଂସା

**ନିମାପଡ଼ା, ୭/୦୬**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଗସ୍ତରେ ଆସିଥିବା ବ୍ରିକ୍ସ ରାଷ୍ଟ୍ର ପ୍ରତିନିଧି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଓ ରଣକୌଶଳକୁ ଭୂୟସୀ ପ୍ରଶଂସା କରିଛନ୍ତି । ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ହ୍ରାସ କାର୍ଯ୍ୟଗୋଷ୍ଠୀ ବୈଠକ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଏହି ସମ୍ମିଳନୀର ଅନ୍ତିମ ଦିବସରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରସମୂହର ପ୍ରତିନିଧିମାନେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଏହାପରେ ଅପରାହ୍ନରେ ସମସ୍ତ ପ୍ରତିନିଧି କୋଣାର୍କ-ପୁରୀ ବେଳାମାର୍ଗସ୍ଥିତ ରାମଚଣ୍ଡୀ ନିକଟରେ ଥିବା 'ଓଡ଼ିଶା ରାଜ୍ୟ ଜଳଦକ୍ଷତା ଓ ଜୀବନରକ୍ଷା ତାଲିମ କେନ୍ଦ୍ର' (ଓସ୍ୱାଲି) ପରିଦର୍ଶନ କରିଥିଲେ । ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗର ଅତ୍ୟାଧୁନିକ ଉଦ୍ଧାର କାର୍ଯ୍ୟ ଓ ରଣକୌଶଳ ଦେଖି ବିଦେଶୀ ପ୍ରତିନିଧିମାନେ ଚକିତ ହୋଇଛନ୍ତି । ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍‌କୁ ପ୍ରଶଂସା କରିଛନ୍ତି । ୧୧ଟି ରାଷ୍ଟ୍ରର ପ୍ରତିନିଧି ଦଳ ଜାତୀୟ ଓ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୩ ଦିନିଆ ସମ୍ମିଳନୀରେ ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ସମୁଦାୟ ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୧୮ ଜଣ ପ୍ରତିନିଧି ଏବଂ ୫୫ ଜଣ ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞ ରାମଚଣ୍ଡୀସ୍ଥିତ ତାଲିମ କେନ୍ଦ୍ରରେ ପହଞ୍ଚିଥିଲେ । ଓଡ୍ରାଫ୍ କର୍ମଚାରୀମାନେ କୁଶଭଦ୍ରା ନଦୀର ଗଭୀର ଜଳରାଶିରେ ବନ୍ୟା ଓ ବାତ୍ୟା ସମୟରେ ଲୋକଙ୍କ ଧନଜୀବନ ରକ୍ଷା କରିବାର ଅଦ୍ଭୁତ କୌଶଳ ପ୍ରଦର୍ଶନ କରିଥିଲେ । ବିଶେଷ କରି ରୋବୋଟିକ ଯନ୍ତ୍ର ସାହାଯ୍ୟରେ ଜଳରୁ ସହଜରେ ଲୋକଙ୍କୁ ଉଦ୍ଧାର କରିବା, ଉନ୍ନତ ୱାଟର ବୋଟ୍ ଏବଂ ଦକ୍ଷ ସ୍କୁବା ଡ୍ରାଇଭରଙ୍କ ଦ୍ୱାରା ଜରୁରୀକାଳୀନ ରଣକୌଶଳ ପ୍ରଦର୍ଶନ, ରୋପ୍ ଗନ୍ ଫାୟାର୍ ବ୍ୟବହାର କରି ଦୁର୍ଗମ ସ୍ଥାନରୁ ଉଦ୍ଧାର କାର୍ଯ୍ୟ ଆଦି ପ୍ରଦର୍ଶନ କରାଯାଇଥିଲା। ଏହି ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଓ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନୀକୁ ପ୍ରତିନିଧିମାନେ ବୁଲି ଦେଖିବା ସହ ଏହାର ବୈଷୟିକ ଦିଗ ବିଷୟରେ ପଚାରି ବୁଝିଥିଲେ । ଓଡ଼ିଶାର ଉପକୂଳ ସୁରକ୍ଷା ଓ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତା ସାରା ବିଶ୍ୱ ପାଇଁ ପ୍ରେରଣା ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ସମସ୍ତ ବିଦେଶୀ ଅତିଥି ସୁରକ୍ଷା ଜ୍ୟାକେଟ୍ ପିନ୍ଧି ଓଡ୍ରାଫ୍‌ର ଅତ୍ୟାଧୁନିକ ସ୍ପିଡ୍ ବୋଟ୍‌ରେ କୁଶଭଦ୍ରା ନଦୀ ଏବଂ ରାମଚଣ୍ଡୀ ମୁହାଁଣର ପ୍ରାକୃତିକ ପରିବେଶକୁ ଉପଭୋଗ କରିଥିଲେ । ଓସଡମା ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ରହି ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିଲେ । ପରିଦର୍ଶନ ସାରି ସମସ୍ତ ପ୍ରତିନିଧି ପୁରୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ବ୍ରିକ୍ସ ପ୍ରତିନିଧି ଦକ୍ଷିଣ ଆଫ୍ରିକାର ଏଲିଆ ସିଥୋଲ କହିଛନ୍ତି, 'ବଡ ସୌଭାଗ୍ୟ ସମ୍ମାନର ବିଷୟ ଓଡ଼ିଶାକୁ ଆସିକି ଓଡ଼ିଶାର ଯେଉଁ ଓଡ଼ିଶା ଡିଜାଷ୍ଟର ରାପିଡ ଆକ୍ସନ ଫୋର୍ସର ଉପକରଣ ଡେମନଷ୍ଟ୍ରେସନ ବାତ୍ୟା, ବନ୍ୟା ସମୟରେ କିପରି ଉଦ୍ଧାର କାର୍ଯ୍ୟ କରାଯାଇଥାଏ ଏହାର ଡେମନଷ୍ଟ୍ରେଶନ ଦେଖିଲୁ । ପ୍ରଶିକ୍ଷଣପ୍ରାପ୍ତ ଉଦ୍ଧାରକାରୀ ଦଳଙ୍କ କୌଶଳ ଦେଖିଲୁ । ନିଜ ଜୀବନକୁ ବିପଦରେ ପକାଇ ଅନ୍ୟମାନଙ୍କର ଜୀବନକୁ ସୁରକ୍ଷା କରନ୍ତି । ସେଥିପାଇଁ ଏହା ପ୍ରଶଂସନୀୟ ବିଷୟ।' ଅନ୍ୟ ଜଣେ ବ୍ରିକ୍ସ ପ୍ରତିନିଧି କହିଛନ୍ତି, 'ଓଡ଼ିଶା ବାହାରେ ରହି ଆମେ ଆଜି ଓଡ଼ିଶା ପାଇଁ ଗର୍ବ ଅନୁଭବ କରୁଛୁ । ବିଶେଷ କରି ରାଜ୍ୟରେ ଓଡ୍ରାଫ୍ ନିଜକୁ ସଠିକ ଭାବେ ସ୍ଥାପିତ କରିପାରିଛି। ଓଡ଼ିଶାରେ ଯେତେବେଳେ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଆସେ ସେତେବେଳେକୁ ନ୍ୟାସନାଲ ଡିଜାଷ୍ଟର ରେସ୍କ୍ୟୁ ଦରକାର ହୁଏନି। କାରଣ ଆମର ଏଠିକାର ଓଡ୍ରାଫ୍ ବହୁତ୍ ପ୍ରଫେସନାଲ ଓ ପ୍ରଶିକ୍ଷିତ। ସେଥିପାଇଁ ବହୁତ ଗର୍ବର ବିଷୟ ଆସିକି ନିଜେ ଦେଖିକି ମୁଁ ଅନୁଭବ କରିପାରିଲି, ସେମାନେ କେତେ ଦକ୍ଷ। ସମସ୍ତ ବ୍ରିକ୍ସ ପ୍ରତିନିଧି ଏପରି କୌଶଳ ଦେଖି ଅତ୍ୟନ୍ତ ଖୁସି ହୋଇଛନ୍ତି। ଆନନ୍ଦର ବିଷୟ ଏହା ଯେ ବହୁ ଆଧୁନିକ ଓ ଉନ୍ନତ ଦେଶଙ୍କ ତୁଳନାରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ହାସଲ କରି ପାରିଛି ।

# କୁବେର ଯନ୍ତ୍ରୀ ବୈକୁଣ୍ଠ ନାଥଙ୍କ ଲକରରୁ ମିଳିଲା ୨ କୋଟି ଟଙ୍କା ସହ ସୁନାର ଠାକୁର

**ଭୁବନେଶ୍ୱର, ୦୭/୦୬ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ବାଲିଗୁଡ଼ା ଆଇଟିଡିଏ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯନ୍ତ୍ରୀଙ୍କ ୯ଟି ଠିକଣାରେ ଶନିବାର ରେଡ୍ ହୋଇଥିଲା। ତାଙ୍କ ଲକରରୁ ୨ କୋଟି ଟଙ୍କା ଠାବ ହୋଇଛି। ଲକରରେ ଥିଲା ବିଡ଼ା ବିଡ଼ା ଟଙ୍କା। ଏହି ଟଙ୍କାକୁ ଭିଜିଲାନ୍ସ ଜବତ କରି ନିଜ ଅଫିସକୁ ଆଣିଥିଲା । ଯନ୍ତ୍ରୀଙ୍କ ୯ଟି ଠିକଣାରେ ଗତ ଶନିବାର ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଭୁବନେଶ୍ୱର ପଟିଆରେ ଥିବା ୨ ମହଲା ଘରୁ ମିଳିଛି ପୁଳା ପୁଳା ଟଙ୍କା ଓ ସୁନା ଗହଣା ସାଙ୍ଗକୁ ଦାମୀ ଆସବାବପତ୍ର। ଘର ଆଗରେ ଠିଆ ହୋଇଛି ଦାମୀ କାର୍। ବୈକୁଣ୍ଠନାଥଙ୍କ ଘରୁ ମଧ୍ୟ ମିଳିଛି ହୀରା ଖଚିତ ରାଣୀ ସୁନା ହାର, ଯାହା ଭିଜିଲାନ୍ସ କର୍ମଚାରୀଙ୍କୁ ଚକିତ କରିଛି। ଲକ୍ଷ ଲକ୍ଷ ଟଙ୍କାରେ କିଣା ଯାଇଥିବା ଘଣ୍ଟା ସାଙ୍ଗକୁ ଦାମୀ ମୋବାଇଲ ବି ଜବତ ହୋଇଛି। ଏହା ସହିତ ରହିଛି ସୁନାର ଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶଙ୍କ ମୂର୍ତ୍ତି। ଚଢ଼ଉ ବେଳେ ବାବୁ ବୈକୁଣ୍ଠଙ୍କ ଏହି ଘରୁ ବାହାରିଛି ବିଭିନ୍ନ ବ୍ୟାଙ୍କରେ ଥିବା ୧୧ଟି ପାସ୍ ବୁକ୍ ସାଙ୍ଗକୁ ଚେକ୍ ବୁକ୍। ଭିଜାଲାନ୍ସ ଏବେ ସୁଦ୍ଧା ୫ଟି ବହୁତଳ ପ୍ରାସାଦ, ୧୪ ଦାମୀ ପ୍ଲଟ, ୪୫ ଲକ୍ଷ ଟଙ୍କା ଜମା ଠାବ କରାସାରିଲାଣି ।







## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।


ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଖାଦ୍ୟ ନାଁରେ ପ୍ରତିଦିନ ସ୍ଲୋ ପଏଜନ ଖାଉଛି ମଣିଷ

## ଦୁଗ୍ଧରୁ ମସଲା ସବୁଠି ଚାଲିଛି ଭେଜାଲ କାରବାର

**ଭୁବନେଶ୍ୱର ୦୭/୦୬**
**ନ୍ୟୁଜ ବ୍ୟୁରୋ**

ଜୀବନ ରକ୍ଷା ପାଇଁ ଖାଦ୍ୟ ଜରୁରି। ହେଲେ ଆଜିର ସମୟରେ ଏହି ଉକ୍ତିଟି ସମ୍ପୂର୍ଣ୍ଣ ବଦଳିବାକୁ ବସିଲାଣି। ପେଟ ପୋଷିବା ପାଇଁ ଖାଦ୍ୟ ଲୋଡ଼ା, ହେଲେ ସେହି ଖାଦ୍ୟ ଯଦି ଜୀବନ ନେବାକୁ ବସେ, ତେବେ ମଣିଷ ଯିବ କୁଆଡେ ? ଆଜିକାଲି ବଜାରକୁ ଗଲେ ଏମିତି ପ୍ରଶ୍ନ ସବୁ ଖାଉଟିଙ୍କ ମନକୁ ଆସୁଛି। ଆଜି ଆମେ ଯେଉଁ ଥାଳିରେ ସ୍ୱାଦିଷ୍ଟ ଖାଦ୍ୟ ସଜାଇ ବସୁଛେ, ତାହା ଶରୀରକୁ ଶକ୍ତି ଦେବା ବଦଳରେ ଧୀରେ ଧୀରେ ମୃତ୍ୟୁ ମୁଖକୁ ଠେଲି ଦେଉଛି । କହିବାକୁ ଗଲେ ଆମେ ଖାଦ୍ୟ ନାଁରେ ପ୍ରତିଦିନ 'ଧୀମା ବିଷ' ବା 'ସ୍ଲୋ ପଏଜନ' ଗ୍ରହଣ କରୁଛେ । ସକାଳର ଜଳଖିଆ ଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ପ୍ରତିଟି ଜିନିଷରେ ଏବେ ଅପମିଶ୍ରଣ ଏବଂ କେମିକାଲର ଭେଜାଲ କାରବାର ଚାଲିଛି ।

ପନିପରିବାକୁ ଶୀଘ୍ର ବଡ଼ କରିବା ପାଇଁ ଏବଂ ଫଳକୁ ଶୀଘ୍ର ପାଚିବା ପାଇଁ ମାରାତ୍ମକ 'ଅକ୍ସିଟାସିନ୍' ଇଞ୍ଜେକସନ୍ ବ୍ୟବହାର କରାଯାଉଛି । ଏହା ଏକ ହରମୋନାଲ ଇଞ୍ଜେକସନ୍, ଯାହା ମଣିଷ ଶରୀର ପାଇଁ ବିପଜ୍ଜନକ । ଚମକଦାର ଦେଖାଯିବା ପାଇଁ ସେଓ ଉପରେ ମହମର ପ୍ରଲେପ ଏବଂ ସବୁଜ ପନିପରିବା ଉପରେ କୃତ୍ରିମ ରଙ୍ଗ ଦିଆଯାଉଛି । ଡିଟରଜେଣ୍ଟ, ୟୁରିଆ, ଷ୍ଟାର୍ଚ ଏବଂ ରିଫାଇନ୍ ତେଲ ମିଶାଇ ନକଲି କ୍ଷୀର ତିଆରି ହେଉଛି। ପନିର ଓ ଖୁଆରେ ମଧ୍ୟ ବ୍ୟାପକ ଭେଜାଲ ଦେଖିବାକୁ ମିଳୁଛି। ସୋରିଷ ତେଲରେ ଶସ୍ତା ଆର୍ଜିମାନ ତେଲ ଏବଂ ଗୁଣ୍ଡ ମସଲାରେ କାଠ ଗୁଣ୍ଡ, ଇଟା ଗୁଣ୍ଡ ଓ କୃତ୍ରିମ ରଙ୍ଗର ତେଲ ବ୍ୟବହାର କରାଯାଉଛି । ଚିପ୍ସ, ମ୍ୟାଗି ଏବଂ ହୋଟେଲ ଖାଦ୍ୟରେ ଅତ୍ୟଧିକ ମାତ୍ରାରେ ଅଜିନାମାଟା, ପ୍ରିଜରଭେଟିଭ ଏବଂ ସୋଡିୟମ ବ୍ୟବହାର କରାଯାଉଛି ଯାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଅଜିନାମାଟା ଯାହା ମସ୍ତିଷ୍କର କୋଷଗୁଡିକୁ ଦୁର୍ବଳ କରିଥାଏ । ଉଚ୍ଚ ସୋଡିୟମ ଏବଂ ଟ୍ରାନ୍ସଫ୍ୟାଟ୍ ରକ୍ତ ଚାପ ବଢାଇବା ସହିତ ଧମନୀରେ ଦୂଷିତ କୋଲେଷ୍ଟ୍ରଲ ଜମା କରି ହାର୍ଟ ଆଟାକ (ହୃଦଘାତ)ର କାରଣ ସାଜେ। ଏହି କେମିକାଲ ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମଣିଷ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଛି। ଆଜିର ଯୁବପିଢି ଓ ଛୋଟ ପିଲାମାନେ କ୍ୟାନ୍ସର, କିଡ୍‌ନୀ ଜନିତ ରୋଗ, ହୃଦ୍‌ଘାତ, ମଧୁମେହ ଏବଂ ଉଚ୍ଚ ରକ୍ତଚାପରେ ଆକ୍ରାନ୍ତ ହେଉଛନ୍ତି। ଓଡ଼ିଶା ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ସରକାରୀ ରିପୋର୍ଟ ଅନୁସାରେ, ୨୯ଟି ଜିଲ୍ଲାରୁ ସଂଗ୍ରହ କରାଯାଇଥିବା ଖାଦ୍ୟ ନମୁନାରେ ବ୍ୟାପକ ଅପମିଶ୍ରଣ ଦେଖିବାକୁ ମିଳିଛି। ଏହି ଭେଜାଲ ଜିନିଷ କାରବାରରେ ଖୋର୍ଦ୍ଧା ଜିଲ୍ଲା ଏକ ନମ୍ବରରେ ରହିଛି । ସାଧାରଣ ଜନତାଙ୍କ ଅଭିଯୋଗ ହେଉଛି ଯେ ଖାଦ୍ୟ ସୁରକ୍ଷା ବିଭାଗ ସମୟ ସମୟରେ ଚଢ଼ଉ କରି ନକଲି କାରଖାନା ସିଲ୍ କରୁଛି ସତ, କିନ୍ତୁ କଡ଼ା ଆଇନ ନ ଥିବାରୁ ଅପରାଧୀମାନେ ଅଳ୍ପ ଜରିମାନା ଦେଇ ପାର୍ ହୋଇଯାଉଛନ୍ତି । ଏଥିପାଇଁ ଅପମିଶ୍ରଣକାରୀଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଏବଂ ଆଜୀବନ କାରାଦଣ୍ଡ ଭଳି କଠୋର ଆଇନ ପ୍ରଣୟନ କରିବାକୁ ସାଧାରଣରେ ଦାବି ହେଉଛି।

